୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.56 Bhubaneswar Sunday April 06 2025 | ୨୭ତମ ବର୍ଷ ସଂଖ୍ୟା-୫୬ ଭୁବନେଶ୍ୱର, ରବିବାର, ଅପ୍ରେଲ ୦୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ପାଣ୍ଡିଆନ ଚାହୁଁଛନ୍ତି କି ବିଜେଡି ବିଭାଜନ: ସୁଜାତାଙ୍କ ଏଣ୍ଟ୍ରି ପାଇଁ 'ଡିଲ୍ ?', ସସ୍ମିତ-ପ୍ରତାପ ମୋହରା



ଭୁବନେଶ୍ୱର,୫ ।୪(ପି.ଏନ): ୱକଫ୍ ବିଲ୍ ପ୍ରସଙ୍ଗରେ ଦଳର ନାଟକୀୟ ଆଭିମୁଖ୍ୟକୁ ନେଇ ବିଜେଡିରେ ଉଠିଥିବା ରାଜନୀତିକ ଝଡ ଥମିବାର ନାଁ ଧରୁନି । ଜଣକପରେ ଜଣେ ବରିଷ୍ଠ ନେତା ଦଳୀୟ ଫୋରମ ଛାଡି ସର୍ବସାଧାରଣରେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି । ରାଜ୍ୟସଭାରେ ଦଳର ନେତା ସସ୍ମିତ ପାତ୍ରଙ୍କୁ ଦୋଷ ଦେଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଫୁଲ୍ଲ ସାମଲ,ଗଣେଶ୍ୱର ବେହେରା ଓ ପ୍ରତାପ ଜେନାଙ୍କ ଭଳି ନେତାମାନେ ଦାବି କରୁଥିବାବେଳେ ରାଜ୍ୟସଭା ସାଂସଦ ଦେବାଶୀଷ ସାମନ୍ତରାୟ ନାଁ ନନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ପରାମର୍ଶଦାତା ଭିକେ ପାଣ୍ଡିଆନଙ୍କୁ ସ୍ପଷ୍ଟଭାବେ ଏସବୁ ନିମନ୍ତେ ଦାୟୀ କରିଛନ୍ତି । ନିକଟ ଅତୀତରେ ଯିଏ ଭିଆରଏସ୍ (ପାଣ୍ଡିଆନଙ୍କ ପତ୍ନୀ ସୁଜାତା) ନେଇଛନ୍ତି ତାଙ୍କପାଇଁ ଏଭଳି 'ଡିଲ୍ ?' ହୋଇଛି ବୋଲି କହି ଦେବାଶୀଷ ସିଧାସଳଖ ସସ୍ମିତଙ୍କୁ କ୍ଲିନଚିଟ୍ ଦେଇଛନ୍ତି । ବିଜେଡିରେ ଆଗଧାଡିର ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବ?ିବା ଓ ବରିଷ୍ଠ ନେତାମାନେ ବଡଧରଣର 'ଡିଲ୍ ?-ଖେଳ' ହୋଇଥିବା ନେଇ ଆଶଙ୍କା କରିବା ମଧ୍ୟରେ ନବୀନଙ୍କୁ ମୋହରା ସଜାଇ ପାଣ୍ଡିଆନ ନିଜର ଗେମପ୍ଲାନକୁ ସଫଳ ରୂପ ଦେଉଥିବା ଚର୍ଚ୍ଚା ହେଉଛି ।

ପାଣ୍ଡିଆନ ହିଁ ଅସ୍ଥିରତାର ସୂତ୍ରଧର

ପାଣ୍ଡିଆନଙ୍କ ନାଁ ନନେଇ ତାଙ୍କୁ ଆକ୍ଷେପ କରି ବରିଷ୍ଠ ବିଜେଡି ନେତା ଦେବାଶୀଷ ସାମନ୍ତରାୟଙ୍କ କହିଛନ୍ତି ଯେ, ରାଜନୀତି ନକରିବେ ବୋଲି କହି ରାଜନୀତିକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତି କେବେ ରାଜନେତା ହୋଇପାରିବେ ନାହିଁ । ୱକଫ୍ ବିଲ୍ ପ୍ରସଙ୍ଗରେ ଯେଉଁ ନିଷ୍ପତ୍ତି ନିଆଗଲା ତାହା ଦଳର ନିଷ୍ପତ୍ତି ଥିଲା । ନବୀନଙ୍କୁ ଭୁଲ୍ ପରାମର୍ଶ ଦେଇ ଏଭଳି କରାଯାଇଛି ବୋଲି କହି ପରୋକ୍ଷରେ ନବୀନ ଏବେବି ପାଣ୍ଡିଆନଙ୍କ ହାତରେ ସଖିକଣ୍ଢେଇ ସାଜିଥିବା ଦେବାଶୀଷ ଇସାରାରେ ସୂଚନା ଦେଇଛନ୍ତି ।

ତେବେ ପ୍ରଶ୍ନ ଉଠୁଛି, ନିର୍ବାଚନୀ ବିପର୍ଯ୍ୟୟ ପରଠୁ ବିଜେଡିଠୁ ଦୂରେଇ ରହିଥିବାର ସନ୍ଦେଶ ଦେଉଥିବା ପାଣ୍ଡିଆନ କ'ଣ ନବୀନଙ୍କ ମାଧ୍ୟମରେ ଦଳୀୟ ନେତା ଓ କର୍ମୀଙ୍କ ଭାବନା ଓ ସମ୍ମାନକୁ ଆଘାତ ଦେବାଭଳି ନିଷ୍ପତ୍ତି ନେଉଛନ୍ତି ? ମାସକ ପୂର୍ବରୁ ଦଳର ନେତାମାନଙ୍କୁ ଡାକି ବିଜେଡି ସହ ତାଙ୍କର କିଛି ସମ୍ପର୍କ ନଥିବା ଓ ସେ ବିଦେଶ ପଳାଇବେ ବୋଲି କହିଥିବା ପାଣ୍ଡିଆନ ଏବେବି ନିୟମିତ ନବୀନ ନିବାସ ଯାଇ ଦଳୀୟ ବ୍ୟାପାରରେ ମୁଣ୍ଡ ଖେଳାଉଛନ୍ତି କି ? ନିଜର ଖାସ୍ ଅନୁଗତ ପ୍ରଣବପ୍ରକାଶ ଦାସ ଓରଫ ବବିଙ୍କ ମାଧ୍ୟମରେ ଦଳରେ ଅସ୍ଥିରତା ସୃଷ୍ଟି ପାଇଁ ଗୋଟିଚାଳନା କରିବାରେ ସେ କ'ଣ ସତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି ?

ଯଦି ଦେବାଶୀଷଙ୍କ ବୟାନକୁ ବିଶ୍ୱାସ କରାଯାଏ, ତା'ହେଲେ ଏହି ସମସ୍ତ ପ୍ରଶ୍ନର ଉତ୍ତର ନିଶ୍ଚିତ ଭାବେ ହଁ ଓ ପାଣ୍ଡିଆନ ହିଁ ଦଳରେ ଅସ୍ଥିରତା ଓ ବିଶୃଙ୍ଖଳାର ମୁଖ୍ୟ ଖଳନାୟକ ବୋଲି ପ୍ରମାଣିତ ହେବାରେ ଲାଗିଲାଣି ।

ପାଣ୍ଡିଆନଙ୍କ ରଣନୀତି, ସୁଜାତାଙ୍କ ଏଂଟ୍ରି

ବିଜେଡି ସୂତ୍ର ଅନୁସାରେ, ନବୀନଙ୍କ ଉତ୍ତରାଧିକାରୀ ଭାବେ ବିଜୁ ପଟ୍ଟନାୟକଙ୍କ ପରିବାରର କୌଣସି ସଦସ୍ୟ ଆସିବା ପାଇଁ ଅନିଚ୍ଛା ପ୍ରକାଶ କରିବା ପରେ ସୁଚିନ୍ତିତ ଢଙ୍ଗରେ ସୁଜାତାଙ୍କୁ ଆଗକୁ ଆଣିବାର ବ୍ୟବସ୍ଥା ହୋଇଛି । ନବେ ଦଶକରେ ନବୀନଙ୍କ ରାଜନୀତିକ ଏଂଟ୍ରି ପାଇଁ ଯେଉଁଭଳି 'ଡିଲ୍ ?' ହୋଇଥିଲା ଅନୁରୂପ 'ଡିଲ୍ ?' ସୁଜାତାଙ୍କ ରାଜନୀତିକ ଏଂଟ୍ରି ନିମନ୍ତେ କରାଯାଇଥିବା ଚର୍ଚ୍ଚା । ମାତ୍ର ଦଳ କ୍ଷମତାରୁ ଯିବା ପରଠୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାଂଗଠନିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି । ନେତାମାନେ କେଉଁଠି ମେଳି କଲେଣି ତ, ବିଧାୟକମାନେ ଗୃହ ପରିଚାଳନାରେ ଦଳର ନିର୍ଦ୍ଦେଶକୁ ଅଣଦେଖା କଲେଣି, ଆଉ କିଏ ପାର୍ଟି ଲାଇନରୁ ଦୂରେଇ ଯାଇ ନିଜର ମତ ରଖିଲେଣି । ଏସବୁ ଅବ୍ୟବସ୍ଥା ଓ ଦଳର ଆଗଧାଡିର ନେତାମାନଙ୍କଠୁ ଚ୍ୟାଲେଞ୍ଜ ଆଶଙ୍କା କରି ପାଣ୍ଡିଆନ ପ୍ରଚ୍ଛଦପଟ୍ଟରେ ରହି ନିଜର ଗୋଟିଚାଳନା କରିଛନ୍ତି ।

ନିର୍ଭରଯୋଗ୍ୟ ସୂତ୍ର ଅନୁସାରେ, ୱକଫ୍ ବିଲ୍ ପ୍ରସଙ୍ଗରେ ଦଳର ନାଟକୀୟ ଆଭିମୁଖ୍ୟ ପାଇଁ ଯେଉଁ ଫୋନ୍ କଲ ଓ ମେସେଜ୍ ଏପ୍ରିଲ ୩ତାରିଖ ସନ୍ଧ୍ୟାରେ ସାଂସଦ ସସ୍ମିତ ପାତ୍ରଙ୍କ ପାଖକୁ ଯାଇଥିଲା ତାହା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କିମ୍ବା ଭିକେ ପାଣ୍ଡିଆନଙ୍କଠୁ ଯାଇନଥିଲା । ଉଭୟ ନବୀନ ଓ ପାଣ୍ଡିଆନଙ୍କଠୁ ନିର୍ଦ୍ଦେଶ ନେଉଥିବା ଜଣେ ଅଧିକାରୀଙ୍କ ମୋବାଇଲ ଫୋନରୁ ଏହି ସନ୍ଦେଶ ଯାଇଥିଲା । ଏପରିକି ସସ୍ମିତ ନିଜେ ଏହି ନିଷ୍ପତ୍ତିକୁ ନେଇ କୁଆଡ ? ଆପତ୍ତି ଉଠାଇଥିଲେ, ମାତ୍ର ତାହା ଦଳର ନିଷ୍ପତ୍ତି ଓ 'ସାର' ଚାହୁଁଛନ୍ତି ବୋଲି କହି ତାଙ୍କୁ ଚୁପ୍ କରାଇ ଦିଆଯାଇଥିବା ଜଣାପଡିଛି ।

ସସ୍ମିତ-ପ୍ରତାପ ମୋହରା

କଠିନ ପରିସ୍ଥିତିରେ ଗତି କରୁଥିବା ଦଳର ଏଭଳି ଆଭିମୁଖ୍ୟ ବୁମେରାଂ ହୋଇପାରେ ଜାଣି ମଧ୍ୟ ଶେଷମୁହୂର୍ତ୍ତରେ ୱକଫ ବିଲ୍ ପ୍ରସଙ୍ଗରେ ଏହି ନାଟକୀୟ ପରିବର୍ତ୍ତନ କରାଯାଇଥିଲା । ଗୋଟିଏପଟେ ସସ୍ମିତଙ୍କ ମାଧ୍ୟମରେ ନିଆଁ ଲଗାଇବା କାର୍ଯ୍ୟ କରିଥିବା ଅଘୋଷିତ ସର୍ବ ?ସର୍ବା ଅନ୍ୟପଟେ ନିଜର ଖାସ୍ ଅନୁଗତ ବବିଙ୍କ ମାଧ୍ୟମରେ ପ୍ରତାପ ଜେନାଙ୍କୁ ଲଗାଇ 'ଚିଠି ଲେଖା' ନାଟକବାଜି କରାଇଛନ୍ତି ??ବୋଲି ଚର୍ଚ୍ଚା। ନିର୍ବାଚନ ପରଠୁ ବବିଙ୍କ ଅତି ଖାସ୍ ପାଲଟିଥିବା ପ୍ରତାପଙ୍କ ବୟାନ ଓ ତାଙ୍କ ଚିଠିର ବିଷୟ ମଧ୍ୟରେ ତାଳମେଳ ବି ରହୁନି । ପ୍ରଫୁଲ୍ଲ ଓ ପ୍ରତାପ ଯେଉଁ ଚିଠି ଲେଖିଛନ୍ତି ତାହା କାହିଁକି ସାର୍ବଜନୀନ କରାଗଲା । ନବୀନ ତ ଓଡିଆ ଭାଷା ପ? ଜାଣନ୍ତି ନାହିଁ । ତଥାପି ଚିଠି ଓଡିଆରେ ଲେଖାଯାଇଛି । ସସ୍ମିତଙ୍କ ମତାମତ ନଜାଣି ଅବା ତାଙ୍କ ସହ ଯୋଗାଯୋଗ ନକରି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ଓ ସେ ବିଦେଶରୁ ଫେରିଲେ ପଚାରିବେ କହିବା ପ୍ରତାପଙ୍କ ଅପରିପକ୍ୱତାକୁ ପଦାରେ ପକାଇ ଦେଇଛି ।

ବିଜେଡି ନେତାମାନେ ଦଳର ସାଂଗଠନିକ ପରିଚାଳନାକୁ ନେଇ ଯେତେ ଅସନ୍ତୋଷ ଓ ବୟାନବାଜି କଲେ ବି ବିଜେଡିରେ ରହିବା ବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ ବୋଲି ଉଭୟ ନବୀନ ଓ ପାଣ୍ଡିଆନ ଭଲଭାବେ ଜାଣନ୍ତି । ଅଦୃଶ୍ୟ କାରଣରୁ ଏହି ଅସନ୍ତୁଷ୍ଟ ବିଜେଡି ନେତାମାନଙ୍କୁ ନେବାପାଇଁ ମଧ୍ୟ ' ଅଣକଂଗ୍ରେସ ଦଳ' ନାହିଁ କି ସେମାନଙ୍କର 'ନୂଆ ଦଳ' ଗ?ିବା ଭଳି ସାମର୍ଥ୍ୟ ମଧ୍ୟ ନାହିଁ । ତେଣୁ ପ୍ରଚ୍ଛଦପଟ୍ଟରେ ରହି ନବୀନଙ୍କୁ ମୋହରା ସଜାଇ ପାଣ୍ଡିଆନ ଯାହାବି ଗୋଟିଚାଳନା କରିବେ ତାକୁ ମାନିବାକୁ ଏହି ନେତାମାନେ ଏକରକମ ବାଧ୍ୟ ହେବେ । ଦଳରେ ଲାଗି ରହିଥିବା ଅନିଶ୍ଚିତତା ଓ ଅସନ୍ତୋଷକୁ ଚରମସୀମାକୁ ନେଇ ଏକ ନିର୍ଣ୍ଣାୟକ ମୋଡରେ ସୁଜାତାଙ୍କ ରାଜନୀତିକ ଅଭିଷେକ କରିବାକୁ ପାଣ୍ଡିଆନ ଏଭଳି ରଣନୀତି କରିଥିବା ତଥା ନବୀନଙ୍କ ସମ୍ମତିରେ ଏସବୁ ଚାଲିଥିବା ବିଜେଡି ମହଲରେ ଚର୍ଚ୍ଚା ହେଉଛି ।

## ରୁକୁଣା ରଥଯାତ୍ରାରେ ବଡ଼ ବିଭ୍ରାଟ: ଦୁଇ ଘଣ୍ଟା ବିଳମ୍ବରେ ହେଲା ରଥଟଣା



ଭୁବନେଶ୍ୱର,୫ ।୪(ପି.ଏନ): ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାରେ ବଡ଼ ବିଭ୍ରାଟ । ରଥଟଣା ପାଇଁ ସାଢେ ୩ଟା ସମୟ ସ୍ଥିର ହୋଇଥିଲେ ମଧ୍ୟ ପ୍ରାୟ ଦୁଇ ଘଣ୍ଟା ବିଳମ୍ବରେ ୫ଟା ୨୨ ମିନିଟରେ ରଥଟଣା ଆରମ୍ଭ ହୋଇଥିଲା ।ସେହିପରି ରଥ ଉପରେ ମାତ୍ରାଧିକ ସେବାୟତ ଚଢ଼ି ଥିବାରୁ ରଥଟଣାରେ ବି ସମସ୍ୟା ଉପୁଜିଥିଲା । ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ ପାଇଁ ଆସିଥିବା ବେଳେ ରଥ ଉପରେ କେବଳ ସେବାୟତଙ୍କୁ ଦେଖିବାକୁ ମିଳିଥିଲା ବୋଲି ଅଭିଯୋଗ ହୋଇଛି । ଏନେଇ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେଣୁ ବଡେଇବାଙ୍କ ଛକରେ ପହଞ୍ଚି ପାରିଲା ନାହିଁ ରଥ । ସୂର୍ଯ୍ୟାସ୍ତ ପରେ ରଥ ଟଣା ପାଇଁ ନୀତି ଥିବା ସତ୍ତ୍ୱେ ସନ୍ଧ୍ୟା ହେବା ପରେ କିପରି ରଥ ଟଣା ହେଉଛି ବୋଲି ପ୍ରଶ୍ନ କରିଥିଲେ ଭକ୍ତ ଓ ଶ୍ରଦ୍ଧାଳୁ । ରଥଟଣାରେ ବିଳମ୍ବ ଓ ରଥ ଉପରେ ମାତ୍ରାଧିକ ସେବାୟତ ଚଢ଼ିବା ଘଟଣା ପାଇଁ ମନ୍ଦିର ପ୍ରଶାସନକୁ ଦାୟୀ କରିଛନ୍ତି ଶ୍ରଦ୍ଧାଳୁ ।

## ପାରଦର୍ଶୀ ପୋର୍ଟାଲରେ ପଞ୍ଜିକୃତ ହେଲେ ନାହିଁ ଅଧା ସ୍କୁଲ, ଗରିବ ପିଲାଙ୍କୁ ଭଣ୍ଡାଇ ଦେଲେ



ଭୁବନେଶ୍ୱର: ପ୍ରତିଶ୍ରୁତି ଦେଇ ଗରିବ ପିଲାଙ୍କୁ ଭଣ୍ଡାଇ ଦେଲେ । ସମୟ ସରିଗଲା କିନ୍ତୁ ଅଧା ସ୍କୁଲ ପାରଦର୍ଶୀ ପୋର୍ଟାଲରେ ପଞ୍ଜିକୃତ ହେଲେ ନାହିଁ । ସବୁ ନିୟମକୁ ଫୁଁ' କରି ଉଡାଇ ଦେଲେ ଘରୋଇ ସ୍କୁଲ । ମୁଣ୍ଡପାତି ସମର୍ଥନ ଦେଇ ଦେଲେ ସରକାର, ଯାହାକୁ ନେଇ ଅଭିଭାବକ ଓ ରାଜ୍ୟବାସୀଙ୍କ ମନରେ ଅସନ୍ତୋଷର ନିଆଁ ଜଳିବା ଆରମ୍ଭ କରିଛି । ଶିକ୍ଷା ଅଧିକାର ଆଇନ ବଳରେ ଘରୋଇ ସ୍କୁଲରେ ୨୫ ପ୍ରତିଶତ ସିଟରେ ଗରିବ ପିଲାଙ୍କୁ ମାଗଣା ଶିକ୍ଷା ଦେବାର ବ୍ୟବସ୍ଥା ରହିଛି । ହେଲେ ଏହାକୁ କିଭଳି ଖୋଲାଖୋଲି ଉଲ୍ଲଂଘନ କରାଗଲା ବୋଲି ପ୍ରଶ୍ନ କରିଛି ଅଭିଭାବକ ସଂଘ ।

ମିଛ କହି ସାଧାରଣ ଲୋକଙ୍କୁ ଭୁତାଉଥିଲେ । ଏବେ ଗରିବ ଛାତ୍ରଛାତ୍ରୀଙ୍କୁ ବି ଭଣ୍ଡାଇ ଦେଲେ ସରକାର । ପ୍ରତିଶ୍ରୁତି ଦେଇ ପାଠପ?ାରୁ ବଞ୍ଚିତ କଲେ । ଆରଟିଇ ଅଧୀନରେ ଘରୋଇ ସ୍କୁଲରେ ଆଡ଼ମିଶନ ପାଇଁ କରାଯାଇଥିବା ପାରଦର୍ଶୀ ପୋର୍ଟାଲରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଓଡ଼ିଶାରେ ୭ ହଜାରରୁ ଅଧିକ ଘରୋଇ ସ୍କୁଲ ରହିଛି । ଗତ ସରକାରଙ୍କ ଇଚ୍ଛାଶକ୍ତି ବଳରେ ୬ ହଜାରରୁ ଅଧିକ ସ୍କୁଲ ପାରଦର୍ଶୀ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ବେଳେ ୪୦ ହଜାରରୁ ଅଧିକ ପିଲା ପାଠ ପଢିଥିଲେ । ଏ ସରକାରରେ କିନ୍ତୁ ଦାବି ସତ୍ତ୍ୱେ ମଧ୍ୟ ମାତ୍ର ୩୬୦୦ ସ୍କୁଲ ପୋର୍ଟାଲରେ ପଞ୍ଜିକୃତ ହୋଇଛନ୍ତି । ଯେଉଁ ସ୍କୁଲଗୁଡିକ ୩/୪ ବର୍ଷ ଧରି ପୋର୍ଟାଲରେ ପଢ଼ାଉଛନ୍ତି ସେମାନଙ୍କୁ ଅଟୋରେଜିଷ୍ଟ୍ରେସନ କରିବା ପାଇଁ ଦାବି କରିଥିଲା ଅଭିଭାବକ ମହାସଂଘ । କିନ୍ତୁ ସରକାର ଏହା କଲେ ନାହିଁ । ତେଣୁ ଗରିବ ପିଲାଙ୍କୁ ଘରୋଇ ସ୍କୁଲରେ ପାଠ ପଢ଼ାଇବାକୁ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହୋଇଛି । ପୋର୍ଟାଲରେ ସ୍କୁଲଗୁଡିକର ପଞ୍ଜିକରଣର ଶେଷ ତାରିଖ ଥିଲା ମାର୍ଚ୍ଚ ୩୧ । କିନ୍ତୁ ଏ ଯାଏଁ ପ୍ରମୁଖ ସ୍କୁଲ ପଞ୍ଜିକୃତ ହେଲେ ନାହିଁ । ଏପରିକି ଏଯାଏଁ ୨୩ ହଜାର ୭୦୦ ପିଲା ପାରଦର୍ଶୀ ପୋର୍ଟାଲରେ ଆବେଦନ କରିଛନ୍ତି । ସେଥିରୁ ବହୁତ ପିଲା ଆଡମିଶନରୁ କଟିଯିବେ । ଏହା ଏକ ବଡ଼ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ଅଭିଭାବକ ମହାସଂଘ । ତିନି ଚାରିଦିନ ଭିତରେ ସରକାର ନ ଚେତିଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାଇ ଦେଇଛି ଅଭିଭାବକ ମହାସଂଘ ।ସେପଟେ ଶିକ୍ଷା ଅଧିକାର ଦିଗରେ କାର୍ଯ୍ୟ କରୁଥିବା ସଂଗଠନ ଓ ଓଡିଶା ସିଟିଜେନସ ଫୋରମ ମଧ୍ୟ ସରକାରଙ୍କ ଏହି କାର୍ଯ୍ୟକୁ ଅନ୍ୟାୟ ବୋଲି କହିଛନ୍ତି । ନିୟମ ଅନୁଯାୟୀ ସବୁ ପିଲା କିଭଳି ଆଡମିସନ ପାଇବେ ସେ ଦାୟିତ୍ୱ ସରକାରଙ୍କର । କିନ୍ତୁ ଘରୋଇ ସ୍କୁଲଗୁଡିକ ନିୟମକୁ ଭାଙ୍ଗୁଥିବା ବେଳେ ସରକାର କାହିଁକି ନିରବଦ୍ରଷ୍ଟା ବୋଲି ପ୍ରଶ୍ନ ଉଠିଛି । ଏପରିକି ରାଜ୍ୟର ବିଜେପି ସରକାର ସବୁ ପ୍ରସଙ୍ଗରେ କାହିଁକି ସ୍ଥାଣୁ ପାଲଟିଛନ୍ତି ବୋଲି ପ୍ରଶ୍ନ କରିଛି ସିଟିଜେନସ ଫୋରମ ।ଆରଟିଇ ଅଧୀନରେ ସବୁ ପିଲାଙ୍କୁ ସମାନ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆଇନ ରହିଥିବା ବେଳେ ଆର୍ଥିକ ବ୍ୟବସ୍ଥା ମଧ୍ୟ ରହିଛି । ଏପରିକି ଏହା ଅଧୀନରେ ପିଲାଙ୍କୁ ଡ୍ରେସ, ଜୋତା ଓ ବହିପତ୍ର ଦେବାର ବ୍ୟବସ୍ଥା ରହିଛି । କିନ୍ତୁ ଗୋଟିଏ ପଟେ ଆଡମିଶନ ନ ଦେବାର ଚକ୍ରାନ୍ତ ସହ ଆରପଟେ ଆଡମିଶନ ନେଉଥିବା ପିଲାଙ୍କୁ ମଧ୍ୟ ନ୍ୟାୟ ମିଳୁନାହିଁ । ଯାହାକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି ।

## ରାମ ନବମୀ ମହୋତ୍ସବ ପାଇଁ ଉତ୍ସବ ମୁଖର ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ରାମ ମନ୍ଦିର

ନୟାଗଡ଼,୫ ।୪(ପି.ଏନ): ପାହାଡ଼ର ଶିଖରରେ ମନଲୋଭା ସୌନ୍ଦର୍ଯ୍ୟ । ଶାନ୍ତ ପରିବେଶ ମଧ୍ୟରେ ଦୁଇଟି ପାହାଡ଼କୁ କାଟି ୧୬ ଶହ ଫୁଟ ପାହାଡ଼ ଉପରେ ୩୬ ଏକର ଜାଗାରେ ନିର୍ମାଣ ହୋଇଛି ଭବ୍ୟ ରାମ ମନ୍ଦିର । ଯାହାର କାରୁ କାର୍ଯ୍ୟ ଦେଖିଲେ ଆଖି ଝଲସି ଉଠିବ । ଏହି ଭବ୍ୟ ରାମ ମନ୍ଦିରକୁ ଦେଖିବା ପାଇଁ ଦୂର ଦୂରାନ୍ତରୁ ଆସୁଛନ୍ତି ହଜାର ହଜାର ଭକ୍ତ ଏବଂ ଶ୍ରଦ୍ଧାଳୁ । ଆଉ ରାମ ନବମୀ ପାଇଁ ଏବେ ଚାଲିଛି ମହୋତ୍ସବ । ଯାହାକୁ ଦେଖିବାକୁ ଲାଗୁଛି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ।ଶ୍ରୀରାମ ନବମୀ ମହୋତ୍ସବକୁ ନେଇ ଚଳଚଞ୍ଚଳ ହୋଇପଡ଼ିଛି ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଫତେଗଡ଼ ରାମ ମନ୍ଦିର । ପୂରା ସଜେଇ ହୋଇଛି ଫତେଗଡ଼ ଗାଁ । ଆଉ ଭଳିକି ଭଳି ଫୁଲରେ ସଜେଇ ହୋଇଛି ମନ୍ଦିର । ରାମ ଲାଲାଙ୍କ ଦର୍ଶନ ପାଇଁ ଦିନ ରାତି ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼ । ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାରକୁ ଭଗବାନ ରାମଙ୍କ ଜନ୍ମ ଦିବସ ଭାବରେ ପାଳନ କରାଇଥାଏ । ଏହି ଶୁଭ ମୁହୂର୍ତ୍ତକୁ ଶ୍ରଦ୍ଧାଳୁମାନେ ରାମନବମୀ ରୂପେ ପାଳନ କରିଥାନ୍ତି । ସେଥିପାଇଁ ରାମ ନବମୀ ଉତ୍ସବ ଧର୍ମ, ଶକ୍ତିର ମହିମା, ଭଲ ଓ ଖରାପ ମଧ୍ୟରେ ସଂଘର୍ଷକୁ ଦର୍ଶାଇଥାଏ । ହିନ୍ଦୁଙ୍କ ପାଇଁ ଏହି ପର୍ବର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚୈତ୍ର ମାସ ଶୁକ୍ଳପକ୍ଷର ନବମୀ ତିଥିରୁ ରାମନବମୀ ପାଳିତ ହୋଇଥାଏ । ଏନେଇ ଦ୍ୱିତୀୟ ଅଯୋଧ୍ୟା କୁହାଯାଉଥିବା ଫତେଗଡ ରାମ ମନ୍ଦିରରେ ଶ୍ରୀରାମ ନବମୀ ପାଇଁ ମାର୍ଚ୍ଚ ୨୯ ତାରିଖରୁ ଉତ୍ସବ ପାଳିତ ହେଉଛି । ଏପ୍ରିଲ ୬ ତାରିଖରେ ଉତ୍ସବର ପୂର୍ଣ୍ଣାହୁତି ହେବ ।

## ମୃତକ ଏବଂ ଗୁରୁତରଙ୍କ ପରିବାରକୁ ନ୍ୟାୟ ଦାବିରେ ୮ ଘଣ୍ଟା ରାସ୍ତାରୋକ




ଭୁବନେଶ୍ୱର,୫ ।୪(ପି.ଏନ): ପୁଅକୁ ନ୍ୟାୟ ପ୍ରଦାନ ଦାବିରେ ପରିବାର ଲୋକଙ୍କ ରାସ୍ତାରୋକ ।ଦୀର୍ଘ ୮ ଘଣ୍ଟା ଧରି ଅବରୋଧ କଲେ ରାସ୍ତା। କଳାହାଣ୍ଡି ଥୁଆମୂଳ ରାମପୁର ଅଂଚଳର ଏ ଘଟଣା। ବାଇକ୍ ଦୁର୍ଘଟଣାରେ ମୃତକ ଏବଂ ଗୁରୁତର ଯୁବକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ଗତକାଲି ଦିନ ଗୋଟାଏରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ରାସ୍ତାରୋକ କରିଥଲେ ଲୋକେ। ଫଳରେ ଥୁଆମୂଳ ରାମପୁର, ଭବାନୀପାଟଣା , କଲମପୁର, କାଶୀପୁରକୁ ଗାଡିମଟର ଯାତାୟାତ ଠପ୍ ହୋଇଯାଇଥିଲା। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଥୁଆମୁଳ ରାମପୁର ଥାନା ଅନ୍ତର୍ଗତ ଦାବିରିଗୁଡା ଗାଁର ମଣ୍ଟୁ ନାଏକ ଏବଂ ଉମାଶଙ୍କର ନାଏକ ଓ ଡୁମେରପଦର ଗାଁର ଫିରୋଜ ନାଏକ ଏବଂ ଦୀପେନ୍ଦ୍ର ନାଏକ ଦୁଇ ବାଇକରେ ଘରକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ଡୁମେରପଦର ଗାଁର ଫିରୋଜ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଅନ୍ୟମାନେ ଆହତ ହୋଇଥିଲେ। ମୃତକ ଏବଂ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ଦାବି କରି ରାସ୍ତାରୋକ କରିଥିଲେ। ପ୍ରଶାସନିକ ଅଧିକାରୀ ବୁଝାସୁଝା କରିବାକୁ ଆସିଥିବାବେଳେ ଘଟଣା ଉଗ୍ରରୂପ ନେଇଥିଲା। ଲୋକେ ପୋଲିସ ଉପରକୁ ଟେକା ପଥର ମାଡ଼ କରିଥିଲେ କ୍ଷ ଫଳରେ ଜଣେ ଏସଆଇ ଏବଂ ଜଣେ କନେଷ୍ଟବଳ ଆହତ ହୋଇଥିଲେ ।

## କଂଗ୍ରେସର ହେବ ନବକଳେବର: ଶୀଘ୍ର ନୂଆ ଟିମ୍ ଗଢ଼ିବେ ଭକ୍ତ




ଭୁବନେଶ୍ୱର,୫ ।୪(ପି.ଏନ): ପିସିସି ସଭାପତି ଭକ୍ତ ଦାସ ଗଢ଼ିବେ ନୂଆ ଟିମ । ଅହମ୍ମଦାବାଦରେ ଏଆଇସିସି ବୈଠକ ପରେ ଏହି ନୂଆ ଟିମ୍ ଘୋଷଣା କରାଯିବ। ଜିଲ୍ଲାସ୍ତରରୁ ପିସିସି ଯାଏଁ ହେବ ନବକଳେବରଫ ଭକ୍ତ ଦାସଙ୍କ ନୂଆ ଟିମରେ କିଏ କିଏ ସ୍ଥାନ ପାଇବେ ? କିଏ ବାଦ୍ ପଡ଼ିବ ? କାହାକୁ ମିଳିବ ଗୁରୁତ୍ୱ ଦାୟିତ୍ୱ, ତାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହେଲାଣି । ଆଉ ଏହାକୁ ନେଇ କଂଗ୍ରେସ ଶିବିର ମଧ୍ୟ ଚଳଚଞ୍ଚଳ ହୋଇ ଉଠିଛି ।ଭକ୍ତ ଦାସ ପିସିସି ସଭାପତି ହେବା ପରଠୁ ଜୋସରେ ଓଡ଼ିଶା କଂଗ୍ରେସ । ସଂଗଠନ ଚଳଚଞ୍ଚଳ, ନେତା ଓ କର୍ମୀ ଉତ୍ସାହିତ । ସମସ୍ତଙ୍କୁ ସାଙ୍ଗରେ ନେଇ ଭକ୍ତ ଦଳକୁ ନୂଆ ଦିଶା ଦେବାକୁ ଚେଷ୍ଟା କରୁଛନ୍ତି । ଯେମିତି ଦଳ ପୁଣି ଥରେ କ୍ଷମତାକୁ ଫେରିବ, ସେଥିପାଇଁ ଚାଲିଛି ଜୋରଦାର କସରତ। ଏହି କ୍ରମରେ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବାକୁ ପିସିସି ସଭାପତି ଅଣ୍ଟା ଭିଡ଼ିଛନ୍ତି । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ବି ଆସୁଛି । ବଡ଼ ମ୍ୟାଚ୍ ପୂର୍ବରୁ ଦଳର ଶକ୍ତି ପରୀକ୍ଷା କରିବା ପାଇଁ ଏହି ଦୁଇ ନିର୍ବାଚନ ଉପଯୁକ୍ତ ମଞ୍ଚ । ତା' ଆଗରୁ ଦଳକୁ ପ୍ରସ୍ତୁତ କରିବାକୁ ପଡ଼ିବ । ସେଥିପାଇଁ ନୂଆ ଟିମ୍ ଗଠନ କରିବାକୁ ଯାଉଛନ୍ତି ଭକ୍ତ । ଆସନ୍ତା ୧୧ ତାରିଖରେ ଅହମ୍ମଦାବାଦରେ ଏଆଇସିସି ବୈଠକ ହେବ । ଏହି ବୈଠକରେ କଂଗ୍ରେସର ଶୀର୍ଷ ନେତୃତ୍ୱ ସହିତ ଆଲୋଚନା କରି ଭକ୍ତ ଦାସ ନୂଆ ଟିମ୍ ଗଠନ କରିବେ ।ଏଣେ ନୂଆ ଟିମର ରୂପରେଖ କେମିତି ହେବ ତାହାକୁ ନେଇ କଂଗ୍ରେସରେ ଆରମ୍ଭ ହୋଇଛି ଚର୍ଚ୍ଚା । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ କହିଛନ୍ତି, ପିସିସି ସଭାପତିଙ୍କ ନୂଆ ଟିମରେ ସ୍ଥାନ ପାଇବେ ଅଧିକ ଯୁବକ । ବରିଷ୍ଠ ନେତାଙ୍କ ମାର୍ଗଦର୍ଶନରେ ସେମାନେ କାମ କରି ସଂଗଠନକୁ ଅଧିକ ଚଳଚଞ୍ଚଳ କରିବେ ।

ଭକ୍ତଙ୍କ ନୂଆ ଟିମରେ କାହାକୁ ସ୍ଥାନ ମିଳିବ, କାହାର ଦବଦବା ରହିବ, ତାକୁ ନେଇ ବି ଚର୍ଚ୍ଚା ଆରମ୍ଭ ହେଲାଣି । ୧୪ ବିଧାୟକ ଓ ଜଣେ ସାଂସଦଙ୍କୁ କେମିତି ଉପଯୋଗ କରିବେ ପିସିସି ସଭାପତି ? ମହମ୍ମଦ ମୋକିମ, ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ନିରଂଜନ ପଟ୍ଟନାୟକ, ଅମର ପ୍ରଧାନଙ୍କ ପରି ପୁରୁଖା ନେତାଙ୍କ ଅଭିଜ୍ଞତାକୁ କେମିତି ବ୍ୟବହାର କରାଯିବ ? ମାନସ ଚୌଧୁରୀ, ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକଙ୍କ ପରି ଯୁବ ନେତାଙ୍କୁ କେଉଁ ଗୁରୁ ଦାୟିତ୍ୱ ଦିଆଯିବ ତାକୁ ବି ଅପେକ୍ଷା କରାଯାଇଛଛି । ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଯୁକ୍ତି, ଲବି ନୁହେଁ ଲଢୁଆ ନେତାଙ୍କୁ ନିଜ ଟିମରେ ସାମିଲ କରିବେ ପିସିସି ସଭାପତି । ଜିଲ୍ଲାସ୍ତରରୁ ସମ୍ମିଳନୀ କରାଯାଇ ଜିଲ୍ଲା ସଭାପତି ବଛାଯିବ ବୋଲି ପିସିସି ସଭାପତି କହିଛନ୍ତି ।୨୫ ବର୍ଷ ହେଲା ରାଜ୍ୟରେ ଶାସନ ଗାଦିରୁ ଦୂରରେ ରହିଛି କଂଗ୍ରେସ । ୨୦୧୪ ପରେ ତ ଦଳ ତୃତୀୟ ସ୍ଥାନକୁ ଖସି ଆସିଛି । ୧୩ ପ୍ରତିଶତକୁ ଖସି ଆସିଲାଣି ଦଳର ଭୋଟ ହାର । ଭକ୍ତ ଦାସଙ୍କ ଉପରେ ଭରସା ରଖି ହାଇକମାଣ୍ଡ ଦେଇଛନ୍ତି ଗୁରୁ ଦାୟିତ୍ୱ । ଫେବ୍ରୁଆରୀ ୧୧ରେ ତାଙ୍କୁ ପିସିସି ସଭାପତି କରାଯାଇଥିଲା । ୨ ମାସ ଭିତରେ କଂଗ୍ରେସ ଚଳଚଞ୍ଚଳ ହୋଇଛି, ଏକଥା ମାନିବାକୁ ପଡ଼ିବ । ଆଗକୁ ବିରାଟ ଲଳେଇ ଲଢିବାକୁ କାହାକୁ ସେ ନିଜ ଟିମରେ ରଖିବେ, କାହାକୁ କେଉଁ ଦାୟିତ୍ୱ ଦେବେ, ତାକୁ ନେଇ କଂଗ୍ରେସ ଶିବିରରେ ବେଶ୍ ଉତ୍କଣ୍ଠା ।

## ଓଡ଼ିଆ ନବବର୍ଷ ପୂର୍ବରୁ ସରିବ ବିଜେଡିର ସାଙ୍ଗଠନିକ ନିର୍ବାଚନ

ଭୁବନେଶ୍ୱର,୫ ।୪(ପି.ଏନ): ଓଡ଼ିଆ ନବବର୍ଷ ପୂର୍ବରୁ ବିଜୁ ଜନତା ଦଳର ସାଂଗଠନିକ ନିର୍ବାଚନ ସରିବ । ନୂଆ କମିଟି ସହ ଜିଲ୍ଲା ଦାୟିତ୍ୱ ନେବେ ବିଜେଡି ନେତା । ନିର୍ବାଚନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏନେଇ ଆସନ୍ତା ଏପ୍ରିଲ ୭ ତାରିଖରେ ଶଙ୍ଖ ଭବନରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସମେତ ଏଆରଓମାନଙ୍କ ବେ?ଠକ ବସିବାକୁ ଯାଉଛି । ବିଜେଡି ନେତାମାନେ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ସଭାପତି ଭାବେ ପାଇବାକୁ ଇଚ୍ଛା ପ୍ରକାଶ କରି ତାଙ୍କ ନେତୃତ୍ୱରେ ସଂଗଠନକୁ ଆଗେଇବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି ।ଏନେଇ ଆସନ୍ତା ୭ ତାରିଖ ଅପରାହ୍ନ ସାଢେ ୪ଟାରେ ବିଜେଡି ଡାକିଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ବୈଠକରେ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀମାନେ ଆସେମ୍ବଲି ନିର୍ବାଚନ ଅଧିକାରୀ ବା ଏଆରଓ ତାଲିକା ସହ ପୌର ଓ ପଞ୍ଚାୟତ ୱାର୍ଡ ସଭାପତି, ବ୍ଲକ ସଭାପତିମାନଙ୍କ ଫୋନ ନମ୍ବର ଏବଂ ଠିକଣା ଦାଖଲ କରିବେ ।








# ଜୁରାସିକ୍ ୱାର୍ଲ୍ଡ-୪ରେ ସ୍କାରଲେଟ ଜୋହାନସନ

ସ୍କାରଲେଟ ଜୋହାନସନ ଜୁରାସିକ ବ୍ରହ୍ମାଣ୍ଡରେ ନିଜର ପରିଚୟ କରିବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି। ଏହି ବ୍ଲକବଷ୍ଟର ଫ୍ରାଂଚାଇଜରେ ମୁଖ୍ୟ ଭୂମିକାରେ ସେ ନଜର ଆସିବାକୁ ଯାଉଛନ୍ତି। ଗୈରେଥ ଏଡବର୍ଥଙ୍କ ଦ୍ୱାରା ନିର୍ଦ୍ଦେଶିତ ଜୁରାସିକ ୱାଲର୍ଡ ୪' ରେ ସେ ନଜର ଆସିବାକୁ ଯାଉଥିବାର ସୂଚନା ମିଳିଛି। 'ଗାଁଡଜିଲା' ତଥା 'ରାଓ୍ୱନ' ଭଳି ଅନେକ ସିନେମାର କାମ ପାଇଁ ଜଣାଯାଉଥିବା ଗୈରେଥଙ୍କ ସିନେମାରେ ଏହି ହଲିଉଡ ସୁନ୍ଦରୀ କାମ କରିବେ। 'ଜୁରାସିକ ୱାଲର୍ଡ ୪' କୁ ଡେବିଡ କୋଏଫ ଲେଖିଥିବାବେଳେ ଏଥିରେ ନୂଆ ଜୁରାସିକ ବ୍ରହ୍ମାଣ୍ଡ ବିଷୟରେ ଦର୍ଶକ ମନୋରଞ୍ଜନର ଅନ୍ୟ ଖୋରାକ ପାଇବେ। ରିପୋର୍ଟ ଅନୁସାରେ, ନିଜର ଉତେଜନା ବ୍ୟକ୍ତ କରି ସ୍କାରଲେଟ କହିଛନ୍ତି ଯେ, ଜୁରାସିକରେ ଅଭିନୟ କରିବା ପାଇଁ ସେ ବେଶ୍ ଉତ୍ସୁକ ଅଛନ୍ତି ଓ ସେ ମୂଳ ଜୁରାସିକ ଶୃଙ୍ଖଳ ସହ ଏହାକୁ ତୁଳନା କରି ପୂର୍ଣ୍ଣ ଚକ୍ରକ୍ଷଣ ବୋଲି କହିଛନ୍ତି। ଥିଏଟରରେ ସେ ଦେଖିଥିବା ସିନେମାର ଆଗାମୀ ଶୃଙ୍ଖଳରେ କାମ କରିବା ନିଶ୍ଚିତ ଭାବରେ ଏକ ସମ୍ମାନର ବିଷୟ ବୋଲି ଏହି ହଲିଉଡ ସୁନ୍ଦରୀ ପ୍ରକାଶ କରିଛନ୍ତି। ଏହି ଫ୍ରାଞ୍ଚାଇଜରେ କାମ କରିବା ପାଇଁ ସେ ବହୁ ଦିନରୁ ଅପେକ୍ଷା କରିଥିଲେ ବୋଲି ମଧ୍ୟ କହିଛନ୍ତି। 'ଜୁରାସିକ ୱାଲର୍ଡ ୪' ଦର୍ଶକଙ୍କୁ ଡାଇନୋସର ଓ ନୂଆ ନୂଆ ପାତ୍ରଙ୍କ ସହ ପରିଚିତ କରାଇ ଏକ ରୋମାଂଚକର କାହାଣୀ ଭେଟି ଦେବ। ଏହି ସିନେମାରେ ସ୍କାରଲେଟ ଜୋହାନସନ ସମେତ ଡେବିଡ ଇକୋନୀ, ମହେରଶାଳା ଅଲି, ରୁଫର୍ଟ ଫ୍ରେଡ, ଲୁନା ବ୍ଲେଜ ତଥା ମୈନୁଆଲ ଗାର୍ସିଆ ରୁଲ୍ଫିଙ୍କ ଦମଦାର ଅଭିନୟ ଦେଖିବେ ଦର୍ଶକ।

# ୫୫୦ ଜଣ ସନ୍ତାନଙ୍କ ଜନକ ଜୋନାଥନ୍

ଯଦି ଜଣକର ୧୦ ଜଣ ସନ୍ତାନ ଥିଲେ ବି ଆମେ ଶୁଣି ଆଶ୍ଚର୍ଯ୍ୟ ହୋଇଥାଉ। ମାତ୍ର ଯଦି ଜଣେ ପିତା ପ୍ରାୟ ୫୫୦ ଜଣ ସନ୍ତାନର ଅଧିକାରୀ ହୋଇଥିବ ତ ଏହା କେବଳ ଆଶ୍ଚର୍ଯ୍ୟ ନୁହେଁ, ଜଣକୁ ସ୍ତବ୍ଧ ମଧ୍ୟ କରିଦେବ। ଏହିକ୍ରମରେ ବାସ୍ତବରେ ଜଣେ ୪୨ ବର୍ଷୀୟ ବ୍ୟକ୍ତିଙ୍କ ୫୫୭ ଜଣ ପିଲା ଅଛନ୍ତି। ତାଙ୍କର ଏହିସବୁ ସନ୍ତାନ ବିଶ୍ୱର ଭିନ୍ନ ଭିନ୍ନ ଦେଶରେ ବିଚ୍ଛୁରିତ ହୋଇ ରହିଛନ୍ତି। କେତେକ ଦେଶରେ ଜନସଂଖ୍ୟା ବୃଦ୍ଧି ମୁଣ୍ଡବିନ୍ଧାର କାରଣ ହୋଇଥିବାବେଳେ ଆଉ କେତେକ ଦେଶରେ ଇନଫର୍ଟିଲିଟି ଏକ ବଡ



ସମସ୍ୟା ଅଟେ। ସେଥିପାଇଁ ଚିକିତ୍ସାର ଅନେକ ସୁବିଧା ମଧ୍ୟ ରହିଛି ବିଶ୍ୱରେ। ଯେଉଁଥିରେ ସ୍ପର୍ମ ଡୋନେଶନ ଏକ ଭଲ ବିକଳ୍ପ ଅଟେ। ବହୁତ ଜଣ ପୁରୁଷ ଏହାକୁ ମାଧ୍ୟମ କରି ପଇସା କମାନ୍ତି। ଏମିତି ଜଣେ ପୁରୁଷ ଅଟନ୍ତି ଜୋନାଥନ ଜୈକବ ମିଜରେ। ଜୋନାଥନଙ୍କୁ ବିଶ୍ୱର ସବୁଠୁ ଅଧିକ ସନ୍ତାନର ଜନକ କୁହାଯାଏ। ଏହି ନେଦରଲ୍ୟାଣ୍ଡର ଯୁବକ ୨୫ ବର୍ଷ ବୟସରେ ୨୦୦୭ ମସିହାରେ ପ୍ରଥମଥର ପାଇଁ ସ୍ପର୍ମ ଡୋନେଟ କରିଥିଲେ। ଏହାପରେ ସେ ୧୧ ଭିନ୍ନ ଭିନ୍ନ କ୍ଲିନିକରେ ସ୍ପର୍ମ ଡୋନେଶନ ପାଇଁ ସାଇନ କରିଥିଲେ। ତାଙ୍କୁ ୫୫୦ ସନ୍ତାନର ବାପା କୁହାଯାଏ। ମାତ୍ର ତାଙ୍କର ଆହୁରି ମଧ୍ୟ ସନ୍ତାନ ଥିବାର ମଧ୍ୟ କହନ୍ତି ଲୋକେ। ଜୋନାଥନଙ୍କ କୁହନ୍ତି ଯେ, ସେ ମାଗଣାରେ ସ୍ପର୍ମ ଡୋନେଟ କରନ୍ତି। କିନ୍ତୁ, ସାଇନ କରିଥିବା କ୍ଲିନିକ ଅନୁସାରେ, ସେ ଏହା ପାଇଁ ପଇସା ମଧ୍ୟ ନେଇ ଥାଆନ୍ତି ବୋଲି ଜଣା ପଡିଛି। କେବଳ ନେଦରଲ୍ୟାଣ୍ଡରେ ତାଙ୍କର ୩୭୫ ସନ୍ତାନ ଥିବାବେଳେ ଜର୍ମାନୀରେ ୮୦, ବେଲଜିୟମରେ ୩୫, ଆର୍ଜେଂଟିନାରେ ୪ ଓ ଅଷ୍ଟ୍ରେଲିଆରେ ୨ ଜଣ ସନ୍ତାନ ରହିଛନ୍ତି। ଏହି ସ୍ପର୍ମ ଡୋନେସନ ପାଇଁ ଜୋନାଥନଙ୍କୁ କୋର୍ଟର ଦ୍ୱାରସ୍ଥ ମଧ୍ୟ ହେବାକୁ ପଡିଥିଲା।

## ସୋନାକ୍ଷୀ-ଜହୀରଙ୍କୁ ଟ୍ରୋଲ କରୁଥିବା ଟ୍ରୋଲର୍ସଙ୍କୁ ଶତ୍ରୁଘ୍ନ ଦେଲେ ଚେତାବନୀ

ସୋନାକ୍ଷୀ ସିହ୍ନା ୨୩ ଜୁନରେ ଜହୀର ଇକବାଲଙ୍କ ସଙ୍ଗେ ବିବାହ କରିଥିଲେ। ତେବେ ସୋନାକ୍ଷୀ ସିହ୍ନା ଏବଂ ଜହୀର ଇକବାଲଙ୍କ ବିବାହରେ ଅଭିନେତ୍ରୀଙ୍କ ଭାଇ ଲୁଭ ସିହ୍ନାଙ୍କ ଅନୁପସ୍ଥିତି ଟ୍ରୋଲ ହେବାର କାରଣ ସାଜିଛି। ବର୍ତମାନ ଶତ୍ରୁଘ୍ନ ସିହ୍ନା ଏହା ଉପରେ ରିଆକ୍ଟ କରି ଚେତାବନୀ ଦେଇଛନ୍ତି। ଶତ୍ରୁଘ୍ନ ସିହ୍ନା ଏକ ଇଂଟରଭ୍ୟୁରେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଝିଅଙ୍କ ବିବାହକୁ ନେଇ ଲୋକେ ତାଙ୍କ ଫ୍ୟାମିଲି ବିରୋଧରେ ଘୃଣ୍ୟ ଅଭିଯାନ ଆରମ୍ଭ କରିଛନ୍ତି । ବରିଷ୍ଠ କଳାକାର ଏହା ମଧ୍ୟ କହିଛନ୍ତି ଯେ, ଚିନ୍ତାର ବିଷୟ କିଛି ନୁହେଁ। ଆମେ ଏକ ସାଧାରଣ ପରିବାର ଭଳି ଥିଲୁ ଯେଉଁଠାରେ ବିବାହ ହେଉଥିଲା, ଆମେ ଏତେ ଟାର୍ଗେଟରେ କାହିଁକି ଆସିଲୁ ତାହା ଆପଣ ହିଁ କହିପାରିବେ। ଆମେ ତା ପାଇଁ ଦାବି କରିନଥିଲୁ। ଏହା ପ୍ରଥମ ଥର ନୁହେଁ, ଏଭଳି ବିବାହ ହେଉଛି। ଆମ ପରିବାରକୁ ଅଧିକ ଟାର୍ଗେଟ କରାଯାଉଛି। ହେଲେ ସ୍ପଷ୍ଟ କରିଦେଉଛି ଯେ, ଯଦି ମୋ ପରିବାର ପ୍ରତି ବିପଦ ଆସେ ତେବେ ମୁଁ ଏହା କ୍ଷମା କରିବି ନାହିଁ।

# ବିପାସାଙ୍କ ସନ୍ତାନ ପ୍ରେମରେ ଆଲିଆ...

ଆଲିଆ ଭଟ୍ଟ ଓ ବିପାଶୁ ବସୁ ନିଜ ଜୀବନର ସୁନ୍ଦର ମୁହୂର୍ତ୍ତର ଆନନ୍ଦ ନେଉଛନ୍ତି। ବଲିଉଡର ଏହି ଦୁଇ ଅଭିନେତ୍ରୀ କିଛି ବର୍ଷ ପୂର୍ବେ ହଟ ଆଣ୍ଡ ବୋଲ୍ଡ ଅଭିନେତ୍ରୀରୁ ମା' ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି। ଇତିମଧ୍ୟରେ ରଣବୀରଙ୍କ ସହଧର୍ମିଣୀ ସୁନ୍ଦରୀ ଆଲିଆ ବିପାଶାଙ୍କ ଝିଅ ଦେବୀଙ୍କୁ



କିଛି କପଡା ଓ ବହି ଉପହାର ଆକାରରେ ପଠାଇଛନ୍ତି। ବିପାଶା ଏହି ଉପହାରକୁ ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ସେୟାର କରିଛନ୍ତି। ତାହାସହ ଆଲିଆଙ୍କୁ କହିଛନ୍ତି, 'ଧନ୍ୟବାଦ'। ବଲିଉଡ ହଟ ବିପାଶା ଆଲିଆଙ୍କୁ ଆହୁରି କହିଛନ୍ତି ଯେ, ପଠାଇଥିବା ଏହି ଆକର୍ଷଣୀୟ ଆଉଟଫିଟ ଓ ସୁନ୍ଦର ବହି ନାମକ ଉପହାର ପାଇଁ ଧନ୍ୟବା। ଦେବୀ ପ୍ରଥମରୁ ହିଁ ବହି ପଢିବାକୁ ପସନ୍ଦ କରନ୍ତି। ତାଙ୍କୁ ଏହି ବହି ବେଶ୍ ପସନ୍ଦ ମଧ୍ୟ ଆସିଛି। ପ୍ରକାଶଥାଉ ଯେ, ବିପାଶା ୧୨ ନଭେମ୍ବର ୨୦୨୨ ମସିହାରେ କରଣ ସିଂ ଗ୍ରୋବରଙ୍କ ସହ ଦେବୀର ସ୍ୱାଗତ କରିଥିଲେ। ଏକ ସାକ୍ଷାତକାରରେ ବିପାଶା ଖୁଲାସା କରିଥିଲେ ଯେ କରଣ ଓ ସେ ପ୍ରଥମରୁ ହିଁ ସନ୍ତାନର ଆଶାରେ ଥିଲେ। ମାତ୍ର ଏହା ଦୀର୍ଘ ଦିନ ପରେ ପୂରଣ ହେଲା। କାହିଁକି କେଜାଣେ ! ଏହି ଭଲ ଖବର ପାଇବାକୁ ସେମାନଙ୍କୁ ଏତେ ସମୟ ଅପେକ୍ଷା କରିବାକୁ ପଡିଲା।

# ଭିକିଙ୍କୁ ପ୍ରଶଂସା କଲେ ସଲମାନ





ଭିକି କୌଶଲ ଏବେ ନିଜର ଅପକମିଂ ସିନେମା 'ବ୍ୟାଡ ନ୍ୟୁଜ' ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏହି ସିନେମା ରିଲିଜ ହେବାର ପାଦଦେଶରେ ଅଛି ଓ ଅଭିନେତା ଭିକି କୌଶଲ ଜୋରସୋରରେ ଏହାର ପ୍ରମୋସନରେ ଲାଗିଛନ୍ତି। ସିନେମାରେ ଭିକିଙ୍କ ସହ ଏମି ୱିର୍କ ଓ ତୃପ୍ତି ଡିମରୀ ମଧ୍ୟ ନଜର ଆସିବେ। ଏହି ସିନେମାର ଗୋଟିଏ ଗୀତ ରିଲିଜ ହେବା ଦିନଠୁ ହିଁ ଭାଇରାଲ ହେବାରେ ଲାଗିଛି। ଏହି ଗୀତକୁ ଯେକେହି ବି ପ୍ରଶଂସା କରୁଛନ୍ତି। ଗୀତର ନାମ ହେଉଛି 'ତୌବା ତୌବା'। ଫ୍ୟାନ୍ସଙ୍କଠୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ସମସ୍ତେ ଏଥିରେ ମନ୍ତ୍ରମୁଗ୍ଧ ହେଉଛନ୍ତି। ଇତିମଧ୍ୟରେ ଏଥିରେ ସାମିଲ ହୋଇଛନ୍ତି ବଲିଉଡ ଭାଇଜାନ ସଲମାନ ଖାନ। ସଲମାନ ଭିକିଙ୍କ ଏହି ଗୀତରେ ତାଙ୍କର ଡ୍ୟାନ୍ସକୁ ପ୍ରଶଂସା କରିଛନ୍ତି । ଏଥିସହିତ ନିଜର ଇନଷ୍ଟାଗ୍ରାମ ଷ୍ଟୋରୀରେ ମଧ୍ୟ ତାଙ୍କର ଡ୍ୟାନ୍ସକୁ ସେୟାର କରିଛନ୍ତି। ନିଜେ ଭିକି ସଲମାନ ଖାନଙ୍କ ଏଭଳି ପ୍ରଶଂସାରେ ଶତମୁଖ ହୋଇ ଉଠିଛନ୍ତି। ତାହାସହ ବିଳମ୍ବ ନ କରି ହିଁ ସେ ସଲମାନ ଖାନଙ୍କ ପୋଷ୍ଟର ଉତର ରଖିଛନ୍ତି। ସେ ଇନଷ୍ଟାଗ୍ରାମରେ 'ତୌବା ତୌବା' ଗୀତରେ ଭିକିଙ୍କ ଡ୍ୟାନ୍ସ ସେୟାର କରି ଲେଖିଛନ୍ତି, 'ଶାନଦାର ମୁଭ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ଅପ୍ରେଲ ୬

# 'ରାମାୟଣ' ରଚନା କାହାଣୀ


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଯୁଗେ ଯୁଗେ ରାମାୟଣର ଅନ୍ତର୍ନିହିତ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଗୁରୁତ୍ୱ ରଖିଛି । ଭାରତୀୟ ଆର୍ଯ୍ୟ ସନାତନ ସଂସ୍କୃତି ଓ ଆଧ୍ୟାତ୍ମିକ ବିଚାରଧାରାକୁ ଦେଖିଲେ ରାମାୟଣ ପ୍ରତିଟି ଜୀବନକୁ ଜୀବନର ଉନ୍ନତ ସୋପାନରେ ପହଞ୍ଚିବା ପାଇଁ ଶିକ୍ଷା ଦେଇଥାଏ । ରାମାୟଣ କେବଳ ଏକ ଗ୍ରନ୍ଥ ବା କାବ୍ୟ ନୁହେଁ ଏହା ହେଉଛି ଭାରତୀୟ ଆଧ୍ୟାତ୍ମିକ ଜନଜୀବନ ଚେତନାର ଏକ ବିଶାଳ ଖଣ୍ଡ । ଘର, ପରିବାର, ବୃତ୍ତିଗତ କ୍ଷେତ୍ର ସବୁଠି ଏହାର ଦିଗ ମଣିଷକୁ ପ୍ରଦୀପର ଶିଖାପରି ଜୀବନକୁ ଦିବ୍ୟମୟ କରେ ଓ ଉନ୍ନତ ଜୀବନ ପାଇଁ ଶିକ୍ଷା ଦେଇଥାଏ ।

ରାମାୟଣକୁ ନେଇ ଏବେ ବି ଅନେକଙ୍କ ଭିତରେ ଉତ୍ସାହ, ଆବେଗ ଭରି ରହିଛି । କେବଳ ଭାରତରେ ନୁହେଁ ବିଶ୍ୱରେ ରାମାୟଣ ପଠିତ ହେଉଥିବା ଅନ୍ୟତମ ସର୍ବବୃହତ୍ତ ଆଧ୍ୟାତ୍ମିକ ପୁସ୍ତକ, ଗ୍ରନ୍ଥ ଓ କାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଆସନ୍ତୁ ରାମାୟଣର ରଚନାକୁ ନେଇ ଏକ ଅନାଲୋଚିତ ପ୍ରସଙ୍ଗ ଉପରେ ସହୃଦୟ ପାଠକ ମାନଙ୍କ ପାଖରେ ରଖିବା ।

ପ୍ରଭୁ ରାମଙ୍କ କାହାଣୀ ଋଷି ବାଲ୍ମିକୀ ଶୁଣିଥିଲେ ମହାମୁନି ନାରଦଙ୍କ ଠାରୁ; କିନ୍ତୁ ତାହାକୁ ରଚନା କରିବା ନିମନ୍ତେ ଖୋଜି ପାଉ ନଥିଲେ ଭାଷା । କେଉଁଠାରୁ କିପରି ଆରମ୍ଭ କରିବେ ମନେ ମନେ ଭାବିହେଉଥିଲେ । ଏମିତି ଅବସ୍ଥାରେ ଦିନେ ବାହାରିଲେ ଗଙ୍ଗା ସ୍ନାନ ଲାଗି । ପଥ ମଧ୍ୟରେ ପଡ଼ିଲା ମନୋହର ଝରଣାଟିଏ । ନାଁ ଥିଲା 'ତମସା' । ତାଙ୍କର ସୌନ୍ଦର୍ଯ୍ୟ ଦ୍ୱାରା ମୁଗ୍ଧ ହୋଇ ସେଠାରେ ଘଡ଼ିଏ ବସିବା ନିମନ୍ତେ ସ୍ଥିର କଲେ । ସେଠାକାର ଶାନ୍ତ ବାତାବରଣରେ ଧ୍ୟାନମଗ୍ନ ହେଲେ ସେ । କିଛି ସମୟ ଉଣ୍ଝାରୁ ଧ୍ୟାନଭଙ୍ଗ ହୁଅନ୍ତେ ସେଠାରେ ସ୍ନାନ କରିବା ପାଇଁ ଇଚ୍ଛା କଲେ । ଝରଣା ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ତାଙ୍କ କାନରେ ପଡ଼ିଲା ଏକ ଯୋଡ଼ା କ୍ରୌଞ୍ଚଙ୍କର ମିଠା କଳରବ । ପକ୍ଷୀ ଦୁଇଟି ପ୍ରେମରତ ଥିଲେ । ସେମାନଙ୍କୁ ଦେଖି ଆହ୍ଲାଦିତ ହେଲେ ବାଲ୍ମିକୀ ଏବଂ ଅନାଇ ରହିଲେ । ହଠାତ୍ କର୍ଣ୍ଣଭେଦୀ ଯନ୍ତ୍ରଣାଦାୟକ ଚିତ୍କାର କରି ତଳେ ପଡ଼ିଗଲା ପୁରୁଷ କ୍ରୌଞ୍ଚ । ସେ ବିଦ୍ଧ ହୋଇଥିଲା ଗୋଟିଏ ଶର ଦ୍ୱାରା । ମାଈ ପକ୍ଷୀଟିର କାନ୍ଦଣାରେ ଭରିଗଲା ସେହି ସ୍ଥାନ । ସମସ୍ତ ନିରବତା ଭଙ୍ଗ ହେଲା ତାର କ୍ରନ୍ଦନରେ । ସେହି ଦୃଶ୍ୟ ଦେଖି ଶୋକାକୁଳ ହେଲା ବାଲ୍ମିକୀଙ୍କ ହୃଦୟ ଏବଂ ତାଙ୍କ ପାଟିରୁ ଆପେ ଆପେ ବାହାରିଗଲା ଶ୍ଳୋକ୍ ପଦେ – 'ମା ନିଷାଦ ପ୍ରତିଷ୍ଠାମ ତ୍ୱମାଗମହଶାଶ୍ୱତୀ : ସାମା । ୟତ କରୁଣଛମିତୁନାଦେକମ୍ ଅଭଧି : କାମାମୋହିତମ୍ ।' ଏହାହିଁ 'ରାମାୟଣ'ର ପ୍ରଥମ ଶ୍ଳୋକ । ପୁଣି ଯେହେତୁ ବାଲ୍ମିକୀ ହେଉଛନ୍ତି ପ୍ରଥମ କବି ବା ଆଦି କବି : ତେଣୁ ଏହାହିଁ ପ୍ରଥମ ପଦ୍ୟ । ସେହିପରି ପ୍ରଥମ କାବ୍ୟ ହେଲା ରାମାୟଣ । ଏହି ଘଟନା ପରେ ପରେ ସ୍ୱୟଂ ଭଗବାନ ବ୍ରହ୍ମା ଆବିର୍ଭୂତ ହୋଇଥିଲେ ତାଙ୍କ ସମ୍ମୁଖରେ ଏବଂ ରାମାୟଣ ମହାକାବ୍ୟ ରଚନା କରିବା ପାଇଁ ତାଙ୍କୁ କହିଥିଲେ । ପୁଣି ତାଙ୍କୁ ଅତୀତକୁ ପ୍ରତ୍ୟକ୍ଷ କରିବା ଲାଗି ଶକ୍ତି ପ୍ରଦାନ କରିଥିଲେ ଏବଂ ଏଥି ସହିତ ରାମାୟଣ ରଚନା ଆରମ୍ଭ କରିଥିଲେ ବାଲ୍ମିକୀ ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/
୯୪୩୮୫୮୩୨୮୯

# ସୁପ୍ରିମକୋର୍ଟଙ୍କ ଛାଟ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

୨୦୨୧ରେ ବୁଲଡୋଜର ଲଗାଇ ବାସଗୃହ ଭଙ୍ଗାଯାଇଥିବା ବିପନ୍ନମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଁଏ କ୍ଷତିପୂରଣ ଦେବା ଲାଗି ପ୍ରୟାଗରାଜ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ତଥାକଥିତ ବୁଲଡୋଜର ନ୍ୟାୟ ପ୍ରତି ଏକ ବଡ ଚେତାବନୀ ବୋଲି କୁହାଯାଇପାରିବ । ଆଇନ ଠାରୁ କେହି ଉର୍ଦ୍ଧ୍ୱରେ କୁହନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏହି ସ୍ପଷ୍ଟ ବାର୍ତ୍ତା ଦେଇଛି । ତଥାକଥିତ ବୁଲଡୋଜର ନ୍ୟାୟ ଚଳାଇଥିବା ରାଜ୍ୟ ସରକାର, ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପୌରପାଳିକାଗୁଡିକ ସୁପ୍ରିମକୋର୍ଟ ଅତୀତରେ ଜାରି କରିଥିବା ମାର୍ଗଦର୍ଶିକା (ଗାଇଡଲାଇନ) ପ୍ରତି ଧ୍ୟାନ ଦେବା ଉଚିତ୍, ଏହି ସନ୍ଦେଶ ଦେଇଛି । ଉଲ୍ଲେଖ କରାଯାଇପାରେ ଯେ, ଗତ ନଭେମ୍ବରରେ ସୁପ୍ରିମକୋର୍ଟ ଜାରି କରିଥିବା ମାର୍ଗଦର୍ଶିକାରେ ଉଚ୍ଛେଦ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ଦୁଇ ସପ୍ତାହ ପୂର୍ବରୁ ନୋଟିସ ଦେବା ସହ ନିଜର ପକ୍ଷ ରଖିବା ପାଇଁ ଆଇନଗତ ଲଢେଇ ଲାଗି ସୁଯୋଗ ଦେବା, ଆଦି ନିର୍ଦ୍ଦେଶ ଅର୍ନ୍ତଭୁକ୍ତ ଥିଲା । ଏହା ବ୍ୟତୀତ ପୌରପାଳିକା, ସ୍ଥାନୀୟ କର୍ତ୍ତୃପକ୍ଷ ନିଜର ଅନଲାଇନ ପୋର୍ଟାଲରେ ଏନେଇ ବିସ୍ତୃତ ବିବରଣୀ ଦେବା, ନୋଟିସର ଉତର ଲାଗି ଦୁଇ ସପ୍ତାହ ତଥା ୧୫ଦିନ ସମୟ ଦେବା ଆଦି ନିର୍ଦ୍ଦେଶ ଦେଇଥିଲେ । ଏହି ମାର୍ଗଦର୍ଶିକାରେ ଉଲଂଘନ ଅଦାଲତ ଅବମାନନା ସଦୃଶ ହେବ ଏବଂ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ଲାଗି ଚେତାବନୀ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ବେଆଇନ ଭାବେ ତଥା ସରକାରୀ ଜମିରେ ଗଢିଉଠିଥିବା କୋଠାଗୁଡିକୁ କେବଳ ତଥାକଥିତ ବୁଲଡୋଜର ନ୍ୟାୟରେ ଭଙ୍ଗାଯାଉନାହିଁ, ଯେକୌଣସି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାସଭବନକୁ ସରକାର ମାଟିରେ ମିଶାଇ ଦେଉଛନ୍ତି । ସାମ୍ପ୍ରଦାୟିକ ଉତେଜନା କିମ୍ବା ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେମାନଙ୍କ ବାସଗୃହ ଭାଙ୍ଗି ଦିଆଯାଇଥିବା ବହୁ ପିଟିସନକାରୀ ଦର୍ଶାଇଛନ୍ତି । ୨୦୨୧ ପ୍ରୟାଗରାଜ ମାମଲାରେ ସେହିଦିନ ଅର୍ଥାତ ମାର୍ଚ୍ଚ ୨୪ ତାରିଖ ଦିନ ସୁପ୍ରିମକୋର୍ଟ ପ୍ରତିକ୍ରିୟା ପ୍ରକାଶ କରି ବିବେକହୀନତାର ପରିଚାୟକ ବୋଲି ଦର୍ଶାଇଥିଲେ । ଏହ ମାମଲାରେ ବିଚାରପତି ଅଭୟ ଏସଓକା ଏବଂ ବିଚାରପତି ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଉତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ କଠୋର ଭାଷାରେ ଭର୍ତ୍ସନା କରିବା ସହ ନାଗରିକଙ୍କ ବାସଭବନ ମାଟିରେ ମିଶାଇ ଦେବା ଅମାନବୀୟ ଓ ବେଆଇନ ବୋଲି କହିଛନ୍ତି । ଭଙ୍ଗାଯାଇଥିବା ୬ଜଣ ଆବେଦନକାରୀଙ୍କୁ ୬ ସପ୍ତାହ ମଧ୍ୟରେ ପ୍ରତ୍ୟେକଙ୍କୁ ୧୦ଲକ୍ଷ ଟଙ୍କା ଲେଖାଁଏ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ସମ୍ବିଧାନର ଧାରା ୨୧ରେ ପ୍ରତ୍ୟେକ ନାଗରିକଙ୍କର ଆଶ୍ରୟ ପାଇବାର ଅଧିକାର ରହିଛି । ଉଲ୍ଲେଖଯୋଗ୍ୟ ଯେ, ଆଦିତ୍ୟ ନାଥ ଯୋଗୁଁ ଉତରପ୍ରଦେଶରେ ପ୍ରଥମ ଥର ଲାଗି ଏହି ତଥାକଥିତ ବୁଲଡୋଜର ନ୍ୟାୟ କାର୍ଯ୍ୟକାରୀ କରିଥିବାବେଳେ ଏଥିରେ ଉଦବୁଦ୍ଧ ହୋଇ ମଧ୍ୟଦେଶ, ମହାରାଷ୍ଟ୍ର, ରାଜସ୍ଥାନ ସରକାର ବୁଲଡୋଜର ନ୍ୟାୟ କାର୍ଯ୍ୟକାରୀ କରିଥିଲେ । ଏଥିରେ ସଂଖ୍ୟାଧିକ ମୁସଲିମ ସମ୍ପ୍ରଦାୟ ବ୍ୟକ୍ତି ବିଶେଷ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଏ । ଦେଶରେ ଏଭଳି ତଥାକଥିତ ନ୍ୟାୟ କାର୍ଯ୍ୟାନୁଷ୍ଠାନ ଘଟଣା ବୃଦ୍ଧି ପାଇବା ପରେ ଗତ ନଭେମ୍ବର ମାସରେ ସୁପ୍ରିମକୋର୍ଟ ଏହାକୁ ଉଦ୍ଧତ ପଣିଆ ବୋଲି ଦର୍ଶାଇବା ସହ ସମବିଧାନର ୧୪୨ ଧାରା ଅନୁଯାୟୀ ନିଜ କ୍ଷମତାର ପ୍ରୟୋଗ କରି ଗାଇଡଲାଇନ ଜାରି କରିଥିଲେ । ଯାହାଫଳରେ କୌଣସି ସରକାରୀ ଅଫିସର ଉଦ୍ଧତ ପଣିଆ, ସ୍ୱେଚ୍ଛାଚାରୀ, ଏବଂ ବାଛବିଚାର ମୂଳକ କାର୍ଯ୍ୟରୁ କ୍ଷାନ୍ତ ହେବେ । କହିବା ବାହୁଲ୍ୟ ଯେ, ସୁପ୍ରିମକୋର୍ଟଙ୍କ ଗାଇଡଲାଇନ ସତ୍ୱେ ଉତରପ୍ରଦେଶ ସରକାର ଏହାକୁ ଉପେକ୍ଷା କରିଆସିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ତଥାକଥିତ ବୁଲଡୋଜର ନ୍ୟାୟ ଔଚିତ୍ୟ ପ୍ରଶ୍ନାତୀତ ବୋଲି ବାରମ୍ବାର କହିଛନ୍ତି । ଅନ୍ୟପକ୍ଷରେ ବହୁ ରାଜ୍ୟ ସରକାର ଗାଇଡଲାଇନ ଗ୍ରହଣ କରିଥିବାବେଳେ ଯେଉଁମାନେ ଚନ୍ଙ୍କୁ ଉପେକ୍ଷା କରିଆସୁଛନ୍ତି, ନିଶ୍ଚିତ ଭାବେ ନିନ୍ଦନୀୟ ଏବଂ ଆଇନର କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା କରେ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋବାଇଲ ନଂ-୭୯୭୮୬୬୬୪୦୩

# ସିନେ କିମ୍ବଦନ୍ତୀ ମନୋଜ କୁମାର : ଦେଶ ଭକ୍ତିର ମହାନାୟକ


ଅନୁପମା ଭୂୟାଁ

ଚାକିରୀ ଖୋଜିବାକୁ ଯାଇ ଓହ୍ଲାଇଲେ ସିନେ ଦୁନିଆର ପାଉଡର ମଖା ଜୀବନ ଜୀବିକାକୁ । ଲାଇଟ ଟେଷ୍ଟିଂରୁ ଆରମ୍ଭ ହେଲା ଅଭିନୟ । ତାପରେ ହରେକୃଷ୍ଣ ଗୋସ୍ୱାମୀରୁ ସେ ପରିଚିତ ହେଲେ ମନୋଜ କୁମାର । ରୋମାଣ୍ଟିକ, କମେଡ଼ି, ଆକ୍ସନ ସବୁଥିରେ ତାଙ୍କ ନମ୍ବର ୱାନ ଅଭିନୟର ଯାଦୁରେ ଦର୍ଶକଙ୍କୁ ସିନେମା ଘରକୁ ଟାଣି ପାରୁଥିଲେ । ଦେଶ ଭକ୍ତି ସିନେମାର ନୂଆ ଯୁଗ ତାଙ୍କ ଠାରୁ ହିଁ ଆରମ୍ଭ ହୋଇଥିଲା ଯାହା କ୍ରାନ୍ତିର ରୂପ ନେଲା । ଏହି କ୍ରାନ୍ତୀ ହିଁ ତାଙ୍କୁ ନୂଆ ପରିଚୟ ଦେଇ ମନୋଜ କୁମାରରୁ ସେ ପରିଚିତ ହୋଇଗଲେ ଭାରତ କୁମାର । ତାଙ୍କର ଅଭିନୟ ଯାଦୁରେ ଅନେକ ସିନେମା ବ୍ଲକବଷ୍ଟରର ମାନ୍ୟତା ପାଇଲା । କିନ୍ତୁ ଭାରତ କୁମାର ଟ୍ୟାଗ୍ ସବୁ ଦିନ ପାଇଁ ତାଙ୍କ ସହିତ ରହିଗଲା । ଭାରତୀୟ ସିନେ ଜଗତକୁ ନୂଆ ମାର୍ଗ ଦେଖାଇଥିବା ବର୍ଷିଆନ ଅଭିନେତା, ନିର୍ଦ୍ଦେଶକ ତଥା ପଟ୍ଟକଥା ଲେଖକ ମନୋଜ କୁମାର ସିନେ ଦୁନିଆର ଜଣେ ଚିକମିକ କରୁଥିବା ଧ୍ରୁବତାରା ।

୧୯୩୭ ଜୁଲାଇ ୨୪ ତାରିଖ ସେ ସମୟର ବ୍ରିଟିଶ ଭାରତର ଉତ୍ତର ପଶ୍ଚିମ କ୍ଷେତ୍ର କୁହାଯାଉଥିବା ଅତି ଛୋଟ ସହର ଏବଟାବାଦ ଯାହା ବର୍ତ୍ତମାନ ପାକିସ୍ତାନରେ ଅଛି । ଏକ ପଞ୍ଜାବୀ ହିନ୍ଦୁ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ବିଭାଜନର ପରେ ମାତ୍ର ଦଶ ବର୍ଷ ବୟସର ସେ ହୋଇଥିଲାବେଳେ ତାଙ୍କ ପରିବାର ପାକିସ୍ତାନ ଛାଡ଼ି ଭାରତ ଆସିଥିଲେ ଆଉ ଦିଲ୍ଲୀର ରାଜେନ୍ଦ୍ର ନଗରରେ ଅବସ୍ଥାନ କରିଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପାଠ ପଢ଼ା ପରେ ଚାକିରୀ ଅନ୍ୱେଷଣରେ ଆସିବା ସମୟରେ ହିଁ ସେ ସିନେ ଦୁନିଆରେ ପାଦ ଦେଇଥିଲେ । ତାଙ୍କର ପ୍ରଥମ ଫିଲ୍ମଟି ଥିଲା 'ଫ୍ୟାସନ' ପରେ ୧୯୬୧ରେ ତାଙ୍କ 'କାଁଚ କୀ ଗୁଡ଼ିଆ'ରେ ଲିଡ଼ ହୀରୋ ଓ ୧୯୬୨ରେ 'ହରିୟାଲୀ ଔର ରାସ୍ତା' ଥିଲା ତାଙ୍କର ହିଟ୍ ସିନେମା । ଏହାପରେ 'ସାଦି', 'ଗ୍ରହସ୍ଥି' 'ୱୌ କୌନ ଥି' ସପୁରହିଟ ହୋଇଥିଲା । ୧୯୬୫ରେ ତାଙ୍କର 'ଶହୀଦ' ଫିଲ୍ମ ତାଙ୍କୁ ରାତାରାତି ଷ୍ଟାର କରିଦେଇଥିଲା । ସେ ସମୟର ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଏହି ଫିଲ୍ମକୁ ଖୁବ ପସନ୍ଦ କରିଥିଲେ । ତେବେ ତାଙ୍କ ନିର୍ଦ୍ଦେଶିତ ଦେଶାତ୍ମବୋଧକ ସିନେମା 'ଉପକାର' ବକ୍ସ ଅଫିସରେ ଚହଳ ପକାଇଥିଲା । ସତୁରୀ ଦଶକରେ ମନୋଜ ଦେଶଭକ୍ତି ସିନେମା ଦିଗକୁ ଆସିଥିଲେ । ତାଙ୍କର 'ପରବ ଔର ପଶ୍ଚିମ' ଉଭୟ ଭାରତ ଓ ଭାରତ ବାହାରେ ବ୍ଲକ ବଷ୍ଟରର ମାନ୍ୟତା ପାଇଥିଲା । ତାଙ୍କର 'ବେ-ଇମାନ' ସିନେମାଟି ନିଖୁଣ ପ୍ରଦର୍ଶନ ପାଇଁ ପ୍ରଥମ ଓ ଏକମାତ୍ର ଫିଲ୍ମ ଫେୟାର ଶ୍ରେଷ୍ଠ ଅଭିନେତା ସମ୍ମାନ ପାଇଥିଲେ । ସତୁରୀ ଦଶକର ମଧ୍ୟ ଭାଗରେ ତାଙ୍କର ତିନୋଟି ବ୍ଲକ ବଷ୍ଟର ସିନେମା ହଇଚଇ ସୃଷ୍ଟି କରିଥିଲା । ସେଗୁଡ଼ିକ ଥିଲା 'ରୋଟି, କପଡ଼ା ଔର ମକାନ', 'ସନ୍ନ୍ୟାସୀ' ଓ 'ଦଶନମ୍ବରୀ' ପରେ 'ଅମାନତ୍' ଓ ଆଧ୍ୟାତ୍ମିକ ଭାବଧାରାର ସିନେମା 'ଶିରିଡ଼ି କେ ସାଇବାବା' କମରସିଆଲ ହିଟ ହୋଇଥିଲା । ତାଙ୍କର ସବୁଠାରୁ ସଫଳ ଦେଶଭକ୍ତି ସିନେମା ଥିଲା ୧୯୮୧ରେ ତାଙ୍କ ନିର୍ଦ୍ଦେଶିତ ଓ ଅଭିନୀତ 'କ୍ରାନ୍ତୀ' ପରେ ସେ 'ନସୀବ', 'ଲାୱାରିସ୍', 'ଏକ ଦୁଜେ କେଲିୟେ', 'ଲଭ୍ ଷ୍ଟୋରୀ' ଓ 'ମେରୀ ଆୱାଜ ଶୁନୋ' ସିନେମା ହିଟ ମାନ୍ୟତା ପାଇଥିଲା । ୧୯୯୫ରେ 'ମୈଇଦାନ ଏ ଜଙ୍ଗ' ପରେ ଏକ ପ୍ରକାର ସିନେମାରୁ ସେ ଦୂରେଇ ଯାଇଥିଲେ । ୧୯୯୯ରେ ୪୪ତମ ଫିଲ୍ମ ଫେୟାର ଆୱାର୍ଡ଼ସରେ ତାଙ୍କ ଜୀବନବ୍ୟାପୀ କୃତୀତ୍ୱ ପାଇଁ ସମ୍ମାନ ପ୍ରଦାନ କରାଯାଇଥିଲା ।

ପିଲାଦିନରୁ ଦିଲ୍ଲୀପ କୁମାରଙ୍କ ବଡ଼ ଫ୍ୟାନ ଥିଲେ ମନୋଜ କୁମାର । ୧୯୪୯ରେ 'ସବନମ' ଫିଲ୍ମକୁ ସେ ବାରମ୍ବାର ଦେଖିଥିଲେ ଏଥିରେ ଦିଲ୍ଲୀପ କୁମାରଙ୍କ ନାଁ ଥିଲା ମନୋଜ । ଏଇଥିରୁ ଏତେ ସେ ପ୍ରେରିତ ହୋଇଥିଲେ ଯେ ନିଜ ନାଁ ରଖିଥିଲେ ମନୋଜ କୁମାର । ୧୯୬୭ ମସିହାର ବଡ଼ ହିଟ ସିନେମା 'ଉପକାର'ର ଏକ ଗୀତ 'ମେରେ ଦେଶ କୀ ଧରିତ୍ରୀ ସୋନ ଉଗଲେ....' ଆଜି ବି ଶ୍ରେଷ୍ଠ ଦେଶଭକ୍ତି ଗୀତ ଭାବେ ପ୍ରତିଟି ଭାରତୀୟଙ୍କ ହୃଦୟ ଭିତରେ ଝଙ୍କୃତ ହେଉଛି । ଏହି ଫିଲ୍ମରେ ମନୋଜ କୁମାରଙ୍କ ନାଁ ଥିଲା ଭାରତ । ସେ ଏହି ନାଁରେ ହିଁ ଲୋକପ୍ରିୟ ଥିଲେ । ୧୯୮୧ରେ ମୁକ୍ତିଲାଭ କରିଥିବା ଐତିହାସିକ ଡ୍ରାମା ସିନେମା 'କ୍ରାନ୍ତୀ' । ଏହି ସିନେମା ଲାଗି ମନୋଜ କୁମାର ଦିଲ୍ଲୀରେ ଥିବା ନିଜ ବଙ୍ଗଳା ଓ ମୁମ୍ବାଇରେ ନିଜ ଜାଗା ବିକ୍ରି କରିଦେଇଥିଲେ । ଏହି ସିନେମା ମୁକ୍ତି ଲାଭ ହେଲାପରେ ସେ ସବୁଦିନ ପାଇଁ ଅମର ହୋଇଗଲେ । ୧୯୬୫ରେ ତାଙ୍କ ଦେଶଭକ୍ତି ସିନେମା 'ଶହୀଦ'ରେ ସେ ନିଜେ ସଂଗ୍ରାମୀ ଭଗତ ସିଂ ଭୂମିକାରେ ନଜରକୁ ଆସିଥିଲେ । ଏହାର ଏକ ସୁପରହିଟ ଗୀତ ଥିଲା 'ଏ ୱତନ୍, ଏ ୱତନ୍ ହମୋ କୋ ତେରୀ କସମ୍' ଓ 'ମେରା ରଙ୍ଗ ଦେ ବସନ୍ତୀ ଚୋଲ୍ଲା'କୁ ଦର୍ଶକ ଖୁବ ପସନ୍ଦ କରିଥିଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ସ୍ଲୋଗାନ ଥିଲା 'ଜୟ ଜବାନ, ଜୟ କିଶାନ' । ଏହି ସ୍ଲୋଗାନ ଉପରେ ଶାସ୍ତ୍ରୀଜୀ ମନୋଜ କୁମାରଙ୍କୁ ଏକ ସିନେମା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହାପରେ ମନୋଜ କୁମାର ଆରମ୍ଭ କରିଥିଲେ ସିନେମା 'ଉପକାର' । ଅନେକ ହୁଏତ ଜାଣି ନଥିବେ ଥରେ ବଲିଉଡର ବାଦଶାହା କୁହାଯାଉଥିବା ଶାରୁଖ ଖାଁଙ୍କ ଉପରେ ସେ ଖୁବ ରାଗି ଯାଇଥିଲେ । ମାମଲାଟି ଥିଲା ୨୦୦୭ର ସିନେମା 'ଓମ୍ ଶାନ୍ତି ଓମ୍' । ଏହି ସିନେମାର ନିର୍ଦ୍ଦେଶକ ଥିଲେ ନିର୍ଦ୍ଦେଶିକା ଫରାହ ଖାନ ଓ ଶାରୁଖଙ୍କ ବିରୁଦ୍ଧରେ ମାନହାନୀ ମକୋଦ୍ଦମା କରିଥିଲେ । ସିନେମାର ଏକ ଅଭିନୟ ଯାହାକି ତାଙ୍କୁ ଉପଲକ୍ଷ୍ୟ କରାଯାଇ ସୁଟିଂ ହୋଇଥିଲା ତେବେ ପ୍ରଡକ୍ସନ ହାଉସ ଯୁରୋଜ ଇଣ୍ଟରନ୍ୟାସନାଲ ଓ ଶାହାରୁଖଙ୍କ ଠାରୁ ୧୦୦ କୋଟି ଟଙ୍କା କ୍ଷତି ପୂରଣ ଦାବୀ କରିଥିବା ମନୋଜ ପରବର୍ତ୍ତୀ ସମୟରେ ଆପୋଷ ମିଳାମିଶା ଦ୍ୱାରା ମାମଲାଟି ପ୍ରତ୍ୟାହାର କରିଥିଲେ । ତାଙ୍କ ଅଭିନୟ ସହ ଭାରତୀୟ ସିନେ ଜଗତର ଦେଶାତ୍ମବୋଧକ ସିନେମାର ଏକ ଯୁଗର ଅବସାନ ହୋଇଛି । ତାଙ୍କ ଭଳି ଜଣେ ଦେଶପ୍ରେମୀ, ଗର୍ବିତ ଜାତୀୟତାବାଦୀ କଳାକାର ବାସ୍ତବିକ ଚିର ଅମର । ୧୯୯୨ରେ ତାଙ୍କୁ ପଦ୍ମଶ୍ରୀ ଓ ୨୦୧୫ରେ ଦାଦା ସାହେବ ଫାଲକେ ଆୱାର୍ଡ଼ ପାଇଥିଲେ । ସେ ଥିଲେ ଭାରତୀୟ ସିନେମାର ଜଣେ ଆଇକନ୍ ଯେ କି ତାଙ୍କ ଦେଶାତ୍ମବୋଧ ପାଇଁ ବିଶେଷ ଭାବରେ ସ୍ମରଣୀୟ ଥିଲେ । ତାଙ୍କ ସିନେମା ଜାତୀୟ ଗୌରବର ଭାବନାକୁ ଜାଗ୍ରତ କରିବା ସହ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇଛି । ତାଙ୍କ ଅମ୍ଳାନ ଆତ୍ମାର ସଦଗତି ପାଇଁ କୋଟି କୋଟି ପ୍ରଶଂସକଙ୍କ ସହ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ।

'ସାଇବିଥି' ୭ଡ଼ି/୧୩୫୪,
ସେକ୍ଟର-୯, ସିଡିଏ, କଟକ

# ମଂଗଳ ଭୱନ ଅମଙ୍ଗଳ ହାରୀ, ଦ୍ରୱଉ ସୋ ଦଶରଥ ଅଜିର ବିହାରୀ....


ପୁଷ୍ପମିତ୍ର ମହାପାତ୍ର

ରାମ ଚରିତ ମାନସର ଏକ ପ୍ରସିଦ୍ଧ ଚୌପାଇ ହେଉଛି – 'ମଂଗଳ ଭୱନ ଅମଙ୍ଗଳ ହାରୀ । ଦ୍ରୱଉ ସୋ ଦଶରଥ ଅଜିର ବିହାରୀ ।।' ଏହି ଚୌପାଇଟି ବାଳକାଣ୍ଡରେ ରହିଛି । ମଙ୍ଗଳ ଭୱନ ଅର୍ଥାତ୍ ଯିଏ ସମସ୍ତ ମଙ୍ଗଳର ଭବନ ବା ଧାମ ଅଟନ୍ତି । ଅମଙ୍ଗଳହାରୀ ମାନେ ଯିଏ ଅମଙ୍ଗଳକୁ ହରଣ କରିନିଅନ୍ତି । ସୁତରାଂ ସେହି ମଙ୍ଗଳ ଧାମ ଏବଂ ଅମଙ୍ଗଳହାରୀ ତଥା ଦଶରଥଙ୍କର ପ୍ରାଙ୍ଗଣବିହାରୀ ସେହି ବାଳକରୂପ ଶ୍ରୀରାମ ମୋ ପ୍ରତି କୃପା କରନ୍ତୁ । ଏହି ଚୌପାଇଟିକୁ ମଧ୍ୟ ଉତ୍ତର ଭାରତରେ ବହୁଳ ଭାବରେ ପାଠ କରାଯାଇଥାଏ । ପାଠକ ଓ ଭକ୍ତମାନେ ଭଗବାନଙ୍କ ନିକଟରେ ମନକୁ ଲଗାଇବା ପାଇଁ ଅବସର ସମୟରେ ଏହି ନାମ ଉଚ୍ଚାରଣ କରି ଭଗବାନଙ୍କୁ ସ୍ମରଣ କରିପାରିବେ ।

ରଘୁପତି ରାଘବ ରାଜାରାମ । ପତିତପାବନ ସୀତାରାମ । : ରାମଙ୍କର ଏହି ନାମକୁ ବିଶେଷ ଭାବରେ ଲୋକପ୍ରିୟ କରାଇଥିଲେ ମହାତ୍ମା ଗାନ୍ଧୀ । ଏଥିସହ ସେ ତାଙ୍କର ପ୍ରାର୍ଥନାରେ ଆଉ ଦୁଇପଦ ଯୋଡ଼ିଥିଲେ ଈଶ୍ୱର ଆଲ୍ଲା ତେରେ ନାମ୍ । ସବକୋ ସନମତି ଦେ ଭଗବାନ । ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ସେହି ସମୟରେ ଦେଖା ଦେଇଥିବା ବିଦ୍ୱେଷ ଓ ବିବାଦକୁ ନେଇ ମହାତ୍ମା ଗାନ୍ଧୀ ସମସ୍ତଙ୍କ ମଧ୍ୟରେ ସମ୍ପ୍ରୀତି ଓ ସଦଭାବ ସ୍ଥାପନ ଉଦ୍ଦେଶ୍ୟରେ ଭଗବାନ ଯେ ଏକ ଏହି ପ୍ରସିଦ୍ଧ ଭଜନ ଜରିଆରେ ସମସ୍ତଙ୍କୁ ଉଦବୁଦ୍ଧ କରିଥିଲେ । ଗାନ୍ଧିଜୀ ଥିଲେ ପରମ ଭାଗବତ । ଚୈତନ୍ୟ ପ୍ରାପ୍ତି ହେବା ପରଠାରୁ ଜୀବନରେ ସେ କେବେ ଭଗବାନଙ୍କୁ ବିସ୍ମରଣ ହେବାକୁ ଦେଇନାହାନ୍ତି । ଅନ୍ଧାର ରାତିରେ, ପାଣି ଭିତରେ, ଯାତ୍ରା ସମୟରେ, ଅତ୍ୟନ୍ତ ବ୍ୟସ୍ତତା ଭିତରେ ବି ସେ ଭଗବାନଙ୍କୁ ଭୁଲି ନାହାନ୍ତି । ସେ ସର୍ବଦା ନିଜକୁ ନିମିତ୍ତ ମନେ କରୁଥିଲେ ଏବଂ କହୁଥିଲେ ଯେ ସେ ଯାହା କିଛି କରୁଛନ୍ତି, ସେ ସବୁ ପ୍ରଭୁ ରାମଙ୍କର କୃପା । 'ରାମ' ଯାହା ଚାହୁଁଛନ୍ତି ତାଙ୍କ ଦ୍ୱାରା ତାହା କରାଇ ନେଉଛନ୍ତି । ତେଣୁ ତାଙ୍କ ନିଜର କର୍ତ୍ତୃତ୍ୱ କିଛି ନାହିଁ । ଗାନ୍ଧୀଙ୍କର ଏ ପ୍ରକାର ବିଚାର ଦେଖି ତାଙ୍କ ସହ କାର୍ଯ୍ୟ କରୁଥିବା ଅନେକ ବୁଦ୍ଧିଜୀବୀ, ସହଯୋଗୀ ଆଶ୍ଚର୍ଯ୍ୟ ହେଉଥିଲେ । କିନ୍ତୁ ଅନୁଭବରୁ ଗାନ୍ଧୀଙ୍କର ଏପରି ନିଷ୍ଠା ହୋଇଥିଲା ଯେ ପରବର୍ତ୍ତୀ ଜୀବନରେ ସେ ଅନ୍ୟସବୁ ଅବଲମ୍ବନ ଛାଡ଼ି ଦେଇଥିଲେ । ଶିଶୁଟିଏ ମାଆର ପଣତକାନିକୁ ଭିଡ଼ିଧରି ଯେପରି ସବୁକିଛି ଭୁଲି ଯାଇଥାଏ, ତାଙ୍କର ମନର ଅବସ୍ଥା ସେପରି ହୋଇଥିଲା । ସଂସାର, ଯୁଗ ଯୁଗ ଧରି ସାଙ୍ଗରେ କାମ କରୁଥିବା ସାଥୀମାନେ ଗୋଟିଏ ସମୟରେ ସିଦ୍ଧାନ୍ତ ଓ ବିଚାର ଦୃଷ୍ଟିରୁ ତାଙ୍କ ଠାରୁ ଦୂରେଇ ଯାଇଥିଲେ କିନ୍ତୁ ଏହି ସବୁ ଅବଲମ୍ବନର ଯାହା ମୂଳ ତାକୁ ସେ ଛାଡ଼ିନଥିଲେ ।

ରାମରକ୍ଷା ସ୍ତୋତ୍ରରୁ ପ୍ରସିଦ୍ଧ ରାମସ୍ତୁତି : ରାମରକ୍ଷା ସ୍ତୋତ୍ର ବୁଧକୌଶିକ ଋଷିଙ୍କ ଦ୍ୱାରା ରଚିତ । ଭଗବାନ ଶିଙ୍କର ରାତିରେ ସ୍ୱପ୍ନରେ ଯେପରି ଭାବରେ କହିଥିଲେ, ପ୍ରାତଃକାଳରେ ଜାଗ୍ରତ ହେବା ପରେ ବୁଧକୌଶିକ ଋଷି ଠିକ ସେହିପରି ଭାବରେ ଏହା ଲେଖିଥିଲେ । ଏହି ମନ୍ତ୍ରଟି ମଧ୍ୟ ରାମରକ୍ଷା ସ୍ତୋତ୍ରରୁ ଉର୍ଦ୍ଧୃତ ହୋଇଛି । ପାଠକମାନଙ୍କର ସୁବିଧା ନିମନ୍ତେ ଏହାର ଭାବାର୍ଥ ମଧ୍ୟ ପ୍ରଦାନ କରାଯାଇଛି । ରାମନବମୀରେ ଏବଂ ନିତ୍ୟ ପୂଜା ସମୟରେ ମଧ୍ୟ ପାଠକମାନେ ଏହାକୁ ପାଠ କରି ଏହାର ଫଳ ପ୍ରାପ୍ତି କରିପାରିବେ । 'ଆପଦାମପହର୍ତ୍ତାରଂ ଦାତାରଂ ସର୍ବସମ୍ପଦାମ୍ । ଲୋକଭିରାମଂ ଶ୍ରୀରାମଂ ଭୂୟୋ ଭୂୟୋ ନମାମ୍ୟହମ୍ ।' ଅର୍ଥାତ୍ ଯେ ବିପତ୍ତି ହରଣ କରନ୍ତି ଏବଂ ସକଳ ସମ୍ପଦ ପ୍ରଦାନ କରନ୍ତି, ସହି ଲୋକାଭିରାମ ଭଗବାନ ରାମଙ୍କୁ ମୁଁ ବାରମ୍ବାର ନମସ୍କାର କରୁଛି ।

ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଦିବସ ସାରା ଦେଶରେ ଆନନ୍ଦ ଉଲ୍ଲାସ ସହକାରେ ପାଳନ କରାଯାଇଥାଏ । ଭଗବାନଙ୍କର ସପ୍ତମ ଅବତାର ଶ୍ରୀରାମଚନ୍ଦ୍ର ଧରାପୃଷ୍ଠରେ ମାନବ ଶରୀର ଧାରଣ କରି ଆସୁରିକ ଶକ୍ତିର ବିନାଶ କରିବା ସହିତ ଆଦର୍ଶ ମାନବ, ଆଦର୍ଶ ଗୃହସ୍ଥ ଏବଂ ଆଦର୍ଶ ରାଜାର ଦୃଷ୍ଟାନ୍ତ ଉପସ୍ଥାପନ କରିଯାଇଛନ୍ତି । ତାଙ୍କର ଜୀବନୀକୁ ନେଇ ରଚିତ ପବିତ୍ର କାବ୍ୟଗ୍ରନ୍ଥ ରାମାୟଣରୁ ଆଦର୍ଶ ଜୀବନ ନିମନ୍ତେ ଉପାଦେୟ ଶିକ୍ଷା ମିଳିଥାଏ । ମହର୍ଷି ବାଲ୍ମିକୀ ସଂସ୍କୃତ ଭାଷାରେ କାବ୍ୟରୂପରେ ରାମାୟଣ ରଚନା କରିଥିଲେ । ରାମନାମ ଜପି ଜପି ଦସ୍ୟୁ ରତ୍ନାକର କିପରି ମହର୍ଷି ବାଲ୍ମିକୀରେ ପରିଣତ ହେଲେ ତାହା ପାଠକମାନେ ଜାଣିଛନ୍ତି । ରାମନାମର ପ୍ରଭାବ ଓ ମହିମା ଏଥିରୁ ଅନୁମେୟ । ସଂସ୍କୃତ ଭାଷାରେ ରଚିତ ବାଲ୍ମିକୀ ରାମାୟଣ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଅନୁବାଦିତ ହୋଇଛି । ତେବେ ପଞ୍ଚଦଶ ଶତାବ୍ଦୀରେ ଏହାକୁ ଲୌକିକ (ଅୱଧି ଭାଷାରେ) ଭାଷାରେ ରଚନା କରି ଅଧିକ ଲୋକ ପ୍ରିୟ କରାଇଥିଲେ ତୁଳସୀ ଦାସ । ସଂଗୀତ ବାଦନ ସହିତ ସୁମଧୁର ସ୍ୱରରେ ରାମ ଚରିତ ମାନସ ଗାୟନ ଉତ୍ତର ଭାରତରେ ଅତ୍ୟନ୍ତ ଲୋକପ୍ରିୟ ।

ସ୍ୱୟଂ ଭଗବାନ ଶଙ୍କର ଦେବୀ ପାର୍ବତୀଙ୍କୁ ଏକ ମହାର୍ଘ ମନ୍ତ୍ର ପ୍ରଦାନ କରିଥିଲେ ଯେଉଁ ମନ୍ତ୍ରର ଫଳ ବିଷ୍ଣୁ ସହସ୍ରନାମ ସମାନ । ଏହି ଗୋପନୀୟ ମନ୍ତ୍ରକୁ ବୁଦ୍ଧକୌଶିକ ଋଷି ତାଙ୍କର ପ୍ରଘଟ କରିଦେଇଥିଲେ ଜନସାଧାରଣଙ୍କ କଲ୍ୟାଣ ଉଦ୍ଦେଶ୍ୟରେ । ସେହି ମନ୍ତ୍ରଟି ହେଉଛି 'ରାମ ରାମେତି ରାମେତି ରମେ ରାମେ ମନୋରମେ । ସହସ୍ରନାମ ତତ୍ତୁଲ୍ୟଂ ରାମନାମ ବରାନନେ ।' ଅର୍ଥାତ ରାମ ରାମ ରଟି ମୁଁ ସର୍ବଦା ମନୋରମ ରାମନାମରେ ହିଁ ରମଣ କରୁଛି । ରାମନାମ ହେଉଛି ବିଷ୍ଣୁ ସହସ୍ର ନାମ ସମାନ । ଶ୍ରୀମହାଦେବ ପାର୍ବତୀଙ୍କୁ ଏକଥା କହୁଛନ୍ତି । ଏହି ମନ୍ତ୍ରଟି ରାମରକ୍ଷା ସ୍ତୋତ୍ରର ଶେଷ ଶ୍ଳୋକରେ ଉଲ୍ଲେଖ ରହିଛି । ପାଠକ ଓ ଭକ୍ତମାନେ ରାମନବମୀ ସମୟରେ ତ ଏହାକୁ ପାଠ କରିବେ । ପ୍ରତିଦିନ ଏହାକୁ ପାଠ କଲେ ଏହାର ଫଳ ସ୍ୱୟଂ ଅନୁଭବ କରିପାରିବେ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ସେକ୍ଟର-୬, ସିଡିଏ, କଟକ, ଦୂରଭାଷ :*
*୯୪୩୭୨୨୫୬୮୯*

# ବ୍ଲାକ୍ ଡାଏମଣ୍ଡ – କଳା ହୀରା-୧


ପଙ୍କଜ କୁମାର ପାଣିଗ୍ରାହୀ

କଳା ହୀରା ବିଷୟରେ କିଂଚିତ କେହି ପଦେ ଅଧେ ଶୁଣି ଥିବେ, କି'ୁ ସମସ୍ତେ ପ୍ରାୟତଃ ତା ବିଷୟରେ ସବିଶେଷ ଜ୍ଞାନ ପାଇନଥିବେ । ଆଣବିକ ଗଠନର ସାମସ୍ୟ ତଥା ରତ୍ନ ହୀରା ଏବଂ କଳା ହୀରା ମଧ୍ୟରେ ରହିଥିବା ପ୍ରାକୃତିକ ଗଠନ ପ୍ରଣାଳୀରେ ସମା'ରାଳ ସରଂଚନା ହେତୁ ଅଙ୍ଗାରକୁ ବ୍ଲାକ୍ ଡାଏମଣ୍ଡ ବା କଳା ହୀରା ବୋଲି କୁହାଯାଏ । ଯାହା ହେଉ ବ ିମାନ ଏଠାରେ ଆମେ ତା'ର ବୈଜ୍ଞାନିକ ବିଶ୍ଳେଷଣ କରିବା ନାହିଁ । ହେଲେ ରତ୍ନ ହୀରାର ବଜାରରେ ଅତୀବ ବିରଳ ତଥା ତା'ର ବଜାର ମୂଲ୍ୟ ଏତେ ଅଧିକ ଯେ ତାହା କିଣିବା ତ ବହୁତ ଦୂର, ଦେଖିବାକୁ ମଧ୍ୟ ସ୍ୱପ୍ନ । ରତ୍ନ ହୀରା ସହିତ ଗଠନରେ ସମା'ରାଳ ରହିଥିବା କଳା ହୀରା ବା ଅଙ୍ଗାର / କୋଇଲା ଠିକ ତା'ର ବିପରୀତ ସ୍ଥାନରେ ରହିଥାଏ ଯେ ତା'ର ବଜାର ମୂଲ୍ୟ ଅତି ନଗଣ୍ୟ ଏବଂ ତାକୁ ଦେଖିବାକୁ ମଧ୍ୟ କେହି ଋହାଁ ନାହିଁ ! ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି ଯେ ସାଧାରଣ ମଣିଷ ସେହି କଳା ହୀରା କୁ ଅଙ୍ଗାର ବୋଲି ଜାଣିନଥିଲେ ମଧ୍ୟ ବ୍ଲାକ୍ ଡାଇମଣ୍ଡ ବୋଲି ଆକ୍ଷରିକ ଉଚ୍ଚାରଣରେ ଡାଇମଣ୍ଡ ଅର୍ଥାତ ହୀରା ବୋଲି ଶବ୍ଦଟିଏ ରହିଥିବା ହେତୁ ତାହା ନିଶ୍ଚିତ କିଛି ଗୋଟେ ମୂଲ୍ୟବାନ ପଦାର୍ଥ ହୋଇଥିବ ବୋଲି ଭାବୁଥିବା କୌଣସି ଆଶ୍ଚର୍ଯ୍ୟ ବିଷୟ ନୁହେଁ ଆମ ଦେଶରେ । ତେଣୁ କେତେକ ବ୍ୟବସାୟୀକ କ୍ଷେତ୍ରରେ ବ୍ଲାକ୍ ଡାଇମଣ୍ଡ ଶବ୍ଦ ବ୍ୟବହାର କରି ଲୋକଙ୍କୁ ଭୁଆଁ ବୁଲାଇ ବ୍ୟବସାୟ କରୁଛ଼ି କେତେକ କମ୍ପାନୀ । ଆମ ଦେଶର ଲୋକଙ୍କ କୌଣସି ବିଷୟରେ ତର୍ଜମା ଜ୍ଞାନ ରହିନଥିବା କାରଣରୁ ଯିଏ ଯାହା କହିଲା ସେକଥାରେ ନିର୍ଦ୍ଦ୍ୱନ୍ଦରେ ବିଶ୍ୱାସ କରିବା ଆମର ଏକ ସହଜାତ ପ୍ରକୃତି । ତେଣୁ ବ୍ୟବସାୟୀ ସହଜରେ ଯାହା-ତାହା କହି ବ୍ୟାପାର କର଼ି ଏଠାରେ ଯାହା ସାଧାରଣ ଲୋକଙ୍କୁ ଲୁଣ୍ଠନ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ ସେମାନଙ୍କ ପାଇଁ । ଏଠାରେ ସେହି ପାର୍ଥିବ ରତ୍ନ ହୀରା ଏବଂ କଳା ହୀରା ମଧ୍ୟରେ ରହିଥିବା ସମ୍ପର୍କ / ଭେଦକୁ ବିଋରକୁ ନେଇ ସାମାଜିକ ମଣିଷଙ୍କ ଋରିତ୍ରିକ ବିଋର ଏବଂ ସାମାଜିକ ସ୍ଥିତି ଉପରେ ଏକ ବିଶେଷ ଆଲୋଚନା କରିବା । ବିଶ୍ୱ ଇତିହାସ ଦେଖିଲେ ଜାଣିବାକୁ ମିଳିବ ଯେ ଭାରତୀୟ ସଂସ୍କୃତି ଓ ସଭ୍ୟତା ପୃଥିବୀର ସର୍ବ ପ୍ରଥମ ଉନ୍ନ ଓ ମାନବବାଦୀ ସଂସ୍କାରର ପୃଷ୍ଠଭୂମି ଭାବେ ଗଢି ଉଠିଥିଲା । ଆଜିକୁ ଅନ୍ୟୁନ ୫୦୦୦ ବର୍ଷ ପୂର୍ବେ ଅଖଣ୍ଡ ଭାରତବର୍ଷରେ ସମାଜର ପ୍ରଥମ ଉନ୍ନ ମାନବ ଉଦ୍ଭବ ହୋଇଥିଲା । ତେଣୁ ଭାରତକୁ ଏକ ସାଂସ୍କୃତିକ ରାଷ୍ଟ୍ର ଭାବେ ବିଶ୍ୱବ୍ୟାପୀ ଗ୍ରହଣ କରାଯାଉ ଥିଲା । ସେତେବେଳେ ସମଗ୍ର ବିଶ୍ୱର ମଣିଷ ସମୂହଙ୍କ ସାମଗ୍ରିକ ବିକାଶ କେବଳ ମାନବିକ ଧର୍ମ ତଥା ଚରିତ୍ରବ । ଉପରେ ଆଧାରିତ ଜୀବନ ଶୈଳୀକୁ ହିଁ ବୁଝାଉ ଥିଲା । ବୈଜ୍ଞାନିକ ଉଦ୍ଭାବନ ତଥା ବସ୍ତୁବାଦୀ ଚେତନାର କୌଣସି ଉନ୍ନ କୌଶଳ କିମ୍ବା ବ୍ୟବସାୟ ଭି ିକ ଷଡ଼ଯନ୍ତ୍ର ମଣିଷ ମନରେ ଉଦ୍ଗିରଣ ହୋଇ ନଥିଲା । ତେଣୁ ସେହି ସମୟରେ ସାଧାରଣ ମଣିଷଙ୍କ ମଧ୍ୟରେ ଜନ୍ମ ହୋଇଥିବା କେତେକ ପ୍ରାକୃତିକ ଅ'ର୍ଜ୍ଞାନୀ ବିଭିନ୍ନ ଦର୍ଶନକି, ମନସ୍ତାତ୍ୱିକ, ସାମାଜିକ ଓ ମାନବିକ ମୂଲ୍ୟବୋଧ ଭି ିକ ଅନେକ ଶୈଳୀ ସମାଜକୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ଲିପି ତଥା ବଚନ ମାଧ୍ୟମରେ ସଚେତନ କରୁଥିଲେ । ହାତ ଗଣତି କେତେକ ଜ୍ଞାନୀ ମଣିଷଙ୍କୁ ସମାଜର ସାଧାରଣ ମଣିଷମାନେ ଆ'ରିକ ମାନ୍ୟତା ଦେଇ ଗ୍ରହଣ, ସମ୍ମାନ କରିବା ସହିତ ସେମାନଙ୍କ ପ୍ରେରଣାକୁ ନିଜ ଜୀବନ ଶୈଳୀରେ ସଂଶ୍ଳିଷ୍ଟ କରି ଆନନ୍ଦରେ ବଂଚିବାର ସୁଯୋଗ ସୃଷ୍ଟି କରୁଥିଲେ ।

ସମୟର କରାଳ ଗତିରେ ପ୍ରାକୃତିକ ପରିବେଶ ଜନିତ ମଣିଷ ମସ୍ତିଷ୍କରେ ଧିରେଧିରେ ବ୍ୟାପକ ପରିବ ିନ ହେବାକୁ ଲାଗିଲା । ଅନେକ ମଣିଷ ନିଜସ୍ୱ ବିଋରଧାରା ସୃଷ୍ଟି କରି କେତେବେଳେ ଯେ କ'ଣ କ'ଣ ସବୁ ପ୍ରାଦନ କଲେ ମଣିଷ ସମାଜକୁ ସେଗୁଡିକର ଆଉ ସୀମା ନାହିଁ । ଇତି ମଧ୍ୟରେ ପୃଥିବୀ ପୃଷ୍ଠର ଭୌଗଳିକ ସ୍ଥିତି କୁ ନେଇ ଭିନ୍ନ ଭିନ୍ନ ଅଂଚଳରେ କେତେକ ପ୍ରାକୃତିକ ଅ'ର୍ଜ୍ଞାନୀ ମଣିଷ ସୃଷ୍ଟି ହେଲେ ଯେଉଁମାନେ ବିଭିନ୍ନ ବୈଜ୍ଞାନିକ ମନୋଭାବ ସହିତ ଉଦ୍ଭାବନ, ଆବିଷ୍କାର ଗୁଡିଏ କରିବାରେ କୃତକାର୍ଯ୍ୟ ହେବାକୁ ଲାଗିଲା । କାଳକ୍ରମେ ସେହି ବୈଜ୍ଞାନିକ ଉନ୍ ିର ଶାଖା ବିଶ୍ୱବ୍ୟାପୀ ପ୍ରସାର ହୋଇ ଆଜି ଆମେ ଯେଉଁ ସ୍ତରରେ ଆସି ପହ ିଛେ ତାହା ସର୍ବଜନ ଜ୍ଞାତ ବିଷୟ । ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ତଥା ତାହାର ଉତ୍ସ ଗୁଡିକ ସାଧାରଣ ମଣିଷଙ୍କୁ କିଛି ନୂତନ ପ୍ରେରଣା ଦେବା ସହିତ ଜୀବନ ଶୈଳୀରେ କେତେକ ଉନ୍ନ ପରିବର୍ତ୍ତନରେ ଯଥେଷ୍ଟ ସାହାଯ୍ୟ କଲା । କାଳକ୍ରମେ ଅନେକ ବୈଜ୍ଞାନିକ ପ୍ରଣାଳୀ ବ୍ୟବହାର କରିବା ସହିତ ସେଇଥିରେ ସମ୍ପୂର୍ଣ୍ଣ ମନୋନିବେଶ କରିବା ଦ୍ୱାରା ମଣିଷର ଋତୁରୀ ବୃଦ୍ଧି ପାଇବାରେ ଲାଗିଲା । ଅର୍ଥାତ ସମାଜରେ କେତେକ ଚତୁରଙ୍କ ଆବିର୍ଭାବ ହେଲା ଯେଉଁମାନେ ସାଧାରଣ ମଣିଷଙ୍କୁ ନିଜ ଅକ୍ତିଆରକୁ ସହଜରେ ଆଣିବାରେ ସମର୍ଥ ହୋଇ ପାରିଲେ !(କ୍ରମଶଃ)

*ପଙ୍କଜ କୁମାର ପାଣିଗ୍ରାହୀ ।*
*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦.*
*ଦୂରଭାଷ.: ୯୪୩୭୩୨୪୯୧୭.*


# ତୁଳସୀ ଦାସଙ୍କ ଶେଷ ଉପଦେଶ- 'ଜପ କେବଳ ରାମନାମ'


ଶ୍ୟାମ ସୁନ୍ଦର ସାମଲ

ନିଜ ଜୀବନ କାଳ ମଧ୍ୟରେ ବହୁ ସାଧକ, ଭକ୍ତ, ଜ୍ଞାନୀ ଓ ହରିବିମୁଖ ପାମର ଜୀବଙ୍କୁ ଅଧ୍ୟାତ୍ମ ମାର୍ଗ ଦେଖାଇ ଏବଂ ଜଗତରେ ପ୍ରଭୁଭକ୍ତିର ବିଜୟ ଧ୍ୱଜା ଉଡାଇ ଗୋସ୍ୱାମୀ ତୁଳସୀଦାସ କାଶୀର ଅସୀ ଘାଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମହାପ୍ରୟାଣର ଅଳ୍ପ ଦିନ ପୂର୍ବରୁ ତାଙ୍କର ଭକ୍ତ ଓ ଅନୁଗାମୀମାନେ ଶେଷ ଉପଦେଶ ରୂପେ କିଛି କହିବାକୁ ଅନୁରୋଧ କରିଥିଲେ । ଏହାର ଉତ୍ତରରେ ଗୋସ୍ୱାମୀ କହିଲେ – 'ଜୀବର ଆୟୁଷ ଖୁବ କମ୍ । ତା'ଭିତରେ ବି ଅନେକ ଜଞ୍ଜାଳରେ ଧନ୍ଦି ହେଉଥିବାରୁ ତାଙ୍କୁ ଫୁରୁସତ୍ ମିଳୁନାହିଁ । ତାଛଡ଼ା ଶାସ୍ତ୍ର, ପୁରାଣ, ବେଦ ଇତ୍ୟାଦିର ମଧ୍ୟ ଅନ୍ତ ନାହିଁ । ନାନା ସ୍ଥାନରେ ନାନା ପ୍ରକାର ଉପଦେଶ । କେଉଁଟା ଠିକ୍ ଓ କେଉଁଟା ଭୁଲ ନିର୍ଣ୍ଣୟ କରିବାକୁ ବୁଦ୍ଧି ପାଉନାହିଁ । କାବ୍ୟ, କଳା-କୌଶଳ, ଛନ୍ଦ, ପ୍ରବନ୍ଧ ଇତ୍ୟାଦିର ହିସାବ ନାହିଁ କି ରାଗ ରାଗିଣୀର ସୀମା ନାହିଁ । କ୍ଷୁଦ୍ର ଜୀବନକାଳ ଭିତରେ ସେ କ'ଣ କ'ଣ କରିବ ? କିନ୍ତୁ ଯିବାବେଳେ ତୁଳସୀ ଦାସ ସବୁ ଉପଦେଶର ସାରରୂପେ ଏତିକି କହିଯାଉଛି ଯେ ଯିଏ ନିଜର ଜୀବନକୁ ପବିତ୍ର କରିବାକୁ ଚାହୁଁଛି, ସେ କେବଳ ରାମ ନାମ ହିଁ ଜପ କରୁ ।'

'ଆପଦାମପହର୍ତ୍ତାରଂ ଦାତାରଂ ସର୍ବସମ୍ପଦାମ୍ । ଲୋକାଭିରାମଂ ଶ୍ରୀରାମଂ ଭୂୟୋ ଭୂୟୋ ନମାମ୍ୟହମ୍ ।' ଅର୍ଥାତ୍ ଯେ ବିପତ୍ତି ହରଣ କରନ୍ତି ଏବଂ ସକଳ ସମ୍ପଦ ପ୍ରଦାନ କରନ୍ତି, ସେହି ଲୋକାଭିରାମ ଭଗବାନ ରାମଙ୍କୁ ମୁଁ ବାରମ୍ବାର ନମସ୍କାର କରୁଛି । ରାମ ନବମୀରେ ଏବଂ ନିତ୍ୟ ପୂଜା ସମୟରେ ମଧ୍ୟ ପାଠକମାନେ ଏହାକୁ ପାଠ କରି ଏହାର ଫଳପ୍ରାପ୍ତି କରିପାରିବେ । ହିନ୍ଦୁ ପଞ୍ଜିକା ଅନୁସାରେ ଚୈତ୍ର ବୈଶାଖର ମାସ ଅର୍ଥାତ୍ ଚୈତ୍ର ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୁଏ ହିନ୍ଦୁ ନବ ବର୍ଷ ଏବଂ ଚୈତ୍ର ନବମୀରେ ପାଳିତ ହୁଏ ରାମ ନବମୀ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରିବା ସହ ଆଦର୍ଶ ମାନବ, ଆଦର୍ଶ ଗୃହସ୍ଥ ଧର୍ମର ଯେଉଁ ମହାନ ଜୀବନ ବାଣୀ ଶିଖାଇଛନ୍ତି ତାହା ସମସ୍ତଙ୍କ ଜୀବନରେ କାର୍ଯ୍ୟକାରୀ ହେଉ ଏହା ହେଉଛି ପବିତ୍ର ରାମ ନବମୀ ଅବସରରେ ପ୍ରାର୍ଥନା ।

ବିଡ଼ାନାସୀ ବନ୍ଧଛକ, କଟକ,
ଦୂରଭାଷ : ୯୭୭୮୬୩୫୯୨୬




# ପୁନଃ ମୂଷିକ ଭବଃ



ସୁଦର୍ଶନ ମହାପାତ୍ର

ଆଜି ରବିବାର। ତମାମ ସପ୍ତାହର କାର୍ଯ୍ୟ ବ୍ୟସ୍ତତା ଭିତରେ ଏଇ ଗୋଟିଏ ଦିନକୁ କେତେ ପ୍ରତୀକ୍ଷା ମୋର..!

ସବୁଥର ଭଳି ଏ ରବିବାର ପାଇଁ କିଛି ନିଜସ୍ୱ ବାକି କାର୍ଯ୍ୟର ପରିପୂର୍ଣ୍ଣତା ପାଇଁ ମୁଁ ଉତ୍କଣ୍ଠିତ ଥିଲି। ଏମିତି କେତେ ଗୁରୁତ୍ୱ ବହନ କରୁଥିବା କାମର ଅବହେଳା ପାଇଁ ସାରା ପରିବାର ମୋ ଉପରେ ଅଶାନ୍ତି ବ୍ୟକ୍ତ କରନ୍ତି ମଝିରେ ମଝିରେ। ବିଶେଷ କରି ପିଲା ଦୁହେଁ ବେଶି ମନଉଣା କରନ୍ତି ମୋ ଉଦାସୀନତା ପାଇଁ। ହେଲେ ବାକି ଥିବା କାମ ପୁଣି ବାକି ରହିଯାଏ ତୁଚ୍ଛା ଆଶ୍ୱାସନା ଭିତରେ।

ସକାଳ ନଅଟା ହେବ ପ୍ରାୟ। କେତେଦିନ ହେବ କଥା ହୋଇନାହିଁ ବୋଲି ଭାଉଜ ଆଗରେ ଅଭିମାନ କରି କହିଥିବା ଭଉଣୀ ସହିତ ଫୋନ୍ ରେ କଥା ହେଉଥିଲି। କଲିଂବେଲ ଶବ୍ଦ ଶୁଭିଲା ତ ଆଗେଇ ଯାଇ କବାଟ ଖୋଲିଲି। ଯେଉଁ ଦୁଇଜଣ ଙ୍କୁ ଦେଖିଲି ତାପରେ ଆଉ କଥାବାର୍ତ୍ତା କରିବାର ମାନସିକତା ଶୂନ ହୋଇଗଲା । ଭଉଣୀକୁ ପରେ କଥାହେବି କହି ଫୋନ୍ କାଟିଲି।

ମୋଟାସୋଟା ଚେହେରା, ପାଦ ଟଳମଳ ହେଉଥିବା ଦୁଇ ଜଣ ଯୁବକ ମୋ ସାମ୍ନାରେ ଠିଆ ହୋଇଥିଲେ। ଜଣଙ୍କର ଝାମ୍ପୁରା ବାଳ, ଲାଲ୍ ଲାଲ୍ ଆଖି ତ ଆଉଜଣଙ୍କର ମୁଣ୍ଡରେ ଚାରିପଟ ଚଂଛା ହୋଇଗଲା ପରେ ମଝିରେ କେରାଏ ଗେରୁଆ ରଂଗର ବାଳ ଆଉ ଗାଲରେ କଟାଦାଗର ଚିହ୍ନ। ଦୁଇଜଣଙ୍କର ଯେଉଁ ଗୋଟିଏ କଥାରେ ସାମଞ୍ଜସ୍ୟ ଥିଲା ସେଇଟା ହେଉଛି ନିଶ ଦାଢ଼ି ଏକାକାର ହୋଇ ଛେଳି ପରି ମୁହଁ ଆଉ ଦୁହିଁଙ୍କର ଦାନ୍ତ କଳା ମାର୍ବଲ ଚିପ୍ସ ପରି ଦିଶୁଥିଲା।

-' ଆଜ୍ଞା ନମସ୍କାର, ଆପଣଙ୍କର ଚାନ୍ଦା ଟଙ୍କା ବାକି ଅଛି। ଆମ କ୍ଲବର ଦୁଇ ଜଣ ଛୁଆ ଆସିଥିଲେ। ଆପଣ ଦେଇ ନଥିଲେ। ଆଜି ଦିଅନ୍ତୁ।'

ସତେ ଯେମିତି ଇଲେକ୍ଟ୍ରି ବିଲ୍ ପେମେଣ୍ଟ କିମ୍ବା ହୋଲଡିଂ ଟ୍ୟାକ୍ସ ବାକିଥିବା ଲୋକକୁ ସଚେତନ କରିବାକୁ ଆସିଛନ୍ତି ସେମାନେ!

-' କେତେ ଚାନ୍ଦା ଦେବୁ ଆଉ ? ଗୋଟିଏ ଅଞ୍ଚଳରେ ଏତେ ଅନୁଷ୍ଠାନକୁ ବିଭିନ୍ନ ପ୍ରକାରର ଚାନ୍ଦା ଦେଇ ହେବ କି ? ତୁମ ମାନଙ୍କୁ ବାଣ୍ଟିବା ପାଇଁ ମୋର ଏତେ ରୋଜଗାର ନାହିଁ। ନାଚିବ, ଗାଇବ, ହୋଲି ଖେଳିବ, କ୍ରିକେଟ ଖେଳିବ ତ ନିଜେ ପଇସା ଖର୍ଚ୍ଚ କର। କ୍ରିକେଟ୍ ଖେଳିବାକୁ କିଏ ଚାନ୍ଦା ମାଗିବାକୁ ଆସେ ?'

-' ଓଃ.. ବହୁତ କଥା କହିଗଲେଣି ଆପଣ। ଆମେ କ'ଣ ଏଠିକି ପ୍ରବଚନ ଶୁଣିବାକୁ ଆସିଛୁ? ଥରେ ଆସି ଫେରିଥିଲୁ। ଆଜି ପୁଣି ଫେରୁଛୁ। ଆରଥରକୁ ସାବଧାନ ରହିବେ। ଭଲରେ ନଦେଲେ ମନ୍ଦରେ ଦେବେ। ଆଉ ଆମ ଦୋଷ ଦେବେ ନାହିଁ, ହେଲା।'

-' ଆଚ୍ଛା ହଉ ଦେଖିବା। କ'ଣ ମନ୍ଦ କରୁଛ କର। ଏଇଠି ଠିଆ ହୋଇଛି।'

ହେଲେ ମୁଁ ସେତେବେଳକୁ ଭିତରେ ଭିତରେ ଭୟରେ ଏକରକମ ଜଡସଡ ହୋଇ ସାରିଥିଲି।

-' ବାବା, ମାମା ଡାକୁଛି ଘର ଭିତରକୁ ଆସ।' ଝିଅ ଆସି ସେମାନଙ୍କ ସହିତ କଥା ନ ବଢାଇବାକୁ ମୋତେ ସୂଚିତ କରାଇଲା ବୋଲି ବୁଝି ପାରିଲି।

-' ଝିଅ ଜମା ଡରନା। ଆମେ ଏଇଠି ତୁମ ବାବାଙ୍କର କିଛି କ୍ଷତି କରିବୁ ନାହିଁ। ଆମେ କ'ଣ ବୋକା ହୋଇଛୁ ? କ୍ୟାମେରା ରେ ଆମେ ଧରା ପଡିଯିବୁ। ହଉ ଆଜି ଯାଉଛୁ। ପୁଣି ଆସିବୁ। ଚାନ୍ଦା ରେଡ଼ି କରି ରଖିଥିବେ। ଆମେ ହକ୍ ରସିଦ୍ କାଟି ଚାନ୍ଦା ନେବୁ।'

ସେମାନେ ଗଲାପରେ ଆମ ୱାର୍ଡର କର୍ପୋରେଟର ଙ୍କୁ ଫୋନ୍ କରି ସବୁକଥା ଜଣାଇଲି। ସେ ସବୁ ଶୁଣିଲା ପରେ 'ମୁଁ ବୁଝିବି' କହି ଫୋନ୍ କାଟିଲେ।

ପରଦିନ ଅଫିସ ଟାଇମ୍ ସରିଲା ବେଳକୁ ସାବଧାନରେ ଆସିବାକୁ ମୋତେ ଚେତାଇ ଦେଇଥିଲେ ପତ୍ନୀ। ସନ୍ଧ୍ୟା ହେବା ଆଗରୁ କବାଟ ଝର୍କା ସବୁ ବନ୍ଦ କରି ରଖିଛନ୍ତି ବୋଲି ଫୋନରେ କହିଲେ ତ ମୋ ମନରେ ଆପେ ଶଙ୍କା ଜାଗ୍ରତ ହେଲା। ଘରେ ପହଞ୍ଚୁ ପହଞ୍ଚୁ ପୁଣି କବାଟ ବନ୍ଦ କରି ଦିଆଗଲା। ଯେମିତି ଆତଙ୍କ ସୃଷ୍ଟିଲାଗି କୌଣସି ସଂଗଠନ ଧମକ ଦେଇଥିବାର ଭୟରେ ବାତାବରଣ ସୃଷ୍ଟି ହୋଇଥିଲା ଘରେ। ଗ୍ରେନେଡ କିମ୍ବା ବମ୍ ଫୋପାଡା ହେବାର ଆଶଙ୍କା ଉପୁଜୁଥିଲା ମନରେ !

ଆଉଥରେ ଫୋନ୍ କଲି କର୍ପୋରେଟରଙ୍କୁ।

-' ଆଜ୍ଞା, ମୁଁ ଅନୁସନ୍ଧାନ କରି ଜାଣିଲି ଆମ ଦଳର କେହି ଆପଣଙ୍କ ଘରକୁ ଯାଇନାହାନ୍ତି। ଏସବୁ ବିରୋଧୀଦଳର କାମ। କ'ଣ କେତେ ମାଗୁଥିଲେ, ଦେଇ ଦେଲେନି। ସେମାନେ ଭଲ ପିଲା ନୁହଁନ୍ତି ।'

କର୍ପୋରେଟରଙ୍କ କଥାରୁ ସବୁ ବୁଝିଗଲି।' ଠାକୁର ଘରେ କିଏ' ପ୍ରଶ୍ନରେ ' ମୁଁ କଦଳୀ ଖାଇନି'ର ଉତ୍ତର ପରି କଥା।

ସେଦିନ ସନ୍ଧ୍ୟାରେ ଯୋଗକୁ କେହି ଆସିଲେ ନାହିଁ। ପରଦିନ ପୋଲିସ ଷ୍ଟେସନ ଯାଇ ଏ ବିଷୟରେ ଅବଗତ କରାଇଲି। ବିଗତ କେତେ ଦିନ ଧରି ସପରିବାର ଯେଉଁ ଅବସ୍ଥାରେ ସମୟ କାଟୁଛୁ ରୁଦ୍ଧ କଣ୍ଠରେ ବଖାଣିଲି।

ପୋଲିସ ଇନ୍ସପେକ୍ଟର ସବୁକଥା ବୁଝି ସମବେଦନା ଜଣାଇଲେ ଏବଂ ଦୁଇ ଜଣ କନଷ୍ଟେବଲ ଆମ ଘର ଜଗିବାକୁ ପଠେଇବେ ବୋଲି ପ୍ରତିଶ୍ରୁତି ଦେଲେ।

ଘରକୁ ଫେରିଲି। ଭୟର ବାତାବରଣ ତଥାପି ଖେଳୁଥିଲା ଆମ ଘର ଭିତରେ। କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାଟି ଟିକ୍ ଟିକ୍ ଶବ୍ଦ ପରିବର୍ତ୍ତ ? ଯେମିତି ଢଂ ଢଂ ଶବ୍ଦ କରୁଥିଲା। ବାକି ଚାରିଆଡେ ନୀରବତାର ରାଜୁତି ଚାଲିଥିଲା।

ଆମ ଘରକୁ ଯେଉଁ ଦୁଇଜଣ କନେଷ୍ଟବଲ ଆସିଲେ, ସେମାନେ ବି ଚାନ୍ଦା ଆଦାୟ କରିବାକୁ ଆସିଥିବା ଯୁବକଙ୍କ ରୂପର ଉଣା ଅଧିକେ ସାମଞ୍ଜସ୍ୟ ଥିଲା। ଜଣଙ୍କର ଗାଲ ଉପରେ ବଙ୍କି ଯାଇଥିବା ନିଶ ତ ଆର ଜଣଙ୍କର ପେଟ ଟି କିମ୍ଭୁତ କିମ୍ଭାକାର ରୂପ ଧାରଣା କରିଥିଲା। ଲାଗୁଥିଲା ଯେମିତି ବସିଲା ଜାଗାରୁ ଉଠିବାକୁ ଲାଗିବ ପାଞ୍ଚମିନିଟ ସମୟ। ତାଛଡା ଦୁହିଁଙ୍କ ପାଟିରୁ ପାନ ଛେପ ଉତୁରି ପଡୁଥିଲା ଥରକୁ ଥର।

କନଷ୍ଟେବଲ ଦୁଇ ଜଣଙ୍କୁ ଦେଖି ପଡୋଶୀ ମାନେ କୌତୂହଳ ବଶତଃ ଆମ ଘର ଆଡକୁ ଚାହିଁବାରେ ଲାଗିଲେ ଏବଂ ମନରେ ଉପୁଜୁଥିବା ସଂଶୟ କୁ ଦୂର କରିବାକୁ ମନେ ମନେ ନିଶ୍ଚୟ ଚେଷ୍ଟିତ ଥିଲେ। ସେମାନଙ୍କ ଠାଣିମାଣିରୁ ସେମିତି ପ୍ରତୀତ ହେଉଥିଲା।

ଦୁଇ ତିନି ଦିନ ଆମ ପାଖରେ ରହିବା ଭିତରେ ସେମାନେ ଆମ ପରିବାରର ସଦସ୍ୟ ଭଳି ହେବାକୁ ଚେଷ୍ଟାକଲେ। ପ୍ରଥମେ ସେମାନଙ୍କୁ ଚା ବିସ୍କୁଟ ଯଚା ଯାଉଥିବା ବେଳେ, କ୍ରମେ ସେମାନେ ଥରକୁ ଥର ଚା' ପାଇଁ ବରାଦ କରିବାକୁ ଲାଗିଲେ। ଏମିତିକି ପତ୍ନୀ ଙ୍କ ଜରିଆରେ ଅଫିସରୁ ଫେରିଲା ବେଳକୁ ସେମାନଙ୍କ ପାଇଁ ପାନ ଭାଙ୍ଗି ଆଣିବାକୁ ବରାଦ କଲେ। ଦିନେ ଆମର ଅନୁମତି ନନେଇ ଜଣେ ଆମ ଘର ଭିତର ଟଏଲେଟ ବ୍ୟବହାର କଲେ ଏବଂ ବେସିନରେ ପାନ ଛେପ ପକେଇ ପରିଷ୍କାର ନକରି ଚାଲିଗଲେ। ଉପରନ୍ତୁ ବ୍ରେଡ ଆମଲେଟ୍ ବ୍ରେକ ଫାଷ୍ଟ ବରାଦ କଲେ। ଆଇଁଷ ଛୁଉଁ ନଥିବା ପତ୍ନୀ ଏଥିରେ ନାରାଜ ହେବା ସ୍ୱାଭାବିକ।

ଦିନେ ଅଫିସରୁ ଫେରିଲା ବେଳକୁ ସେମାନଙ୍କ ହାତରେ ମଦ ବୋତଲ ଟିଏ ଆବିଷ୍କାର କଲି। ମୋ ଉପରେ ନଜର ପଡିଲା କ୍ଷଣି ଜଣେ କହିଲା -' ସାର୍, ଯଦି ମନେ ନକରିବେ ଆମକୁ କିଛି ବରଫ ଖଣ୍ଡ ଦେବେ ? କେତେଦିନ ହେଲା ଏଇଠି ର ?ହି ପାଟିରେ ଟିକେ ଏ ବାଜି ନଥିଲା। ହି ହି ହିଁ... !' ଦୁହିଁଙ୍କର ବିକୃତ ହସକୁ ନଜର ଅନ୍ଦାଜ କରି ଅଗତ୍ୟା ସେମାନଙ୍କର ଚାହିଦା ପୂରଣ କଲି।

ପରଦିନ ଅଫିସ ବାହାରିଲା ବେଳକୁ ମୋ ହାତରେ କାଗଜ ଟୁକୁଡା ଧରେଇ ଦେଇ ଜଣେ କହିଲା -' ସାର୍, ଆମେ ଅଛୁ । ଆପଣ ନିଶ୍ଚିନ୍ତ ହୋଇ ଅଫିସ ଯାଆନ୍ତୁ। କିଏ ସେ ଆସିବ ଦେଖିବା ? ଶଃ.. କଣ ଭାବିଲେ କି ? ସାରଙ୍କ ଭଳି ଲୋକଙ୍କୁ ହଇରାଣ କରିବେ ?'

କାଗଜ ଖଣ୍ଡଟିରେ ଯେଉଁ ବ୍ରାଣ୍ଡ ମଦର ହୁକୁମ ଆସିଥିଲା, ତା'ର ଦାମ୍ ପ୍ରାୟ ପନ୍ଦର ଶହ ପାଖାପାଖି ବୋଲି ଜାଣିଲି। ଫେରି ଆସିଲି ମଦ ଦୋକାନ ପାଖରୁ ଏବଂ ସିଧା ଯାଇଁ ପହଞ୍ଚିଲି ପୋଲିସ ଷ୍ଟେସନରେ ।

ଘର ପାଇଁ ଆବଶ୍ୟକୀୟ ଜିନିଷ ମାତ୍ର କିଣାକିଣି କରିସାରି ଘଣ୍ଟାଏ ପରେ ଘରକୁ ଫେରିଲି ତ ଜାଣିଲି ସେମାନେ ଦୁଇ ଜଣ ଫେରି ଯାଇଛନ୍ତି। ଆଶ୍ୱସ୍ତ ହେଲି।

ସେଇଦିନ ରାତି ଆଠଟା ବେଳକୁ ଚାନ୍ଦା ଆଦାୟ କରିବାକୁ ଆସି ପହଞ୍ଚିଗଲେ ପୂର୍ବୋକ୍ତ ଚାନ୍ଦା ଆଦାୟକାରୀ ଦୁଇ ଜଣ। ମୁଁ ଇତି ମଧ୍ୟରେ ଗୋଟାଏ ଚଣ୍ଡାଶୋକରୁ ନମ୍ରାଶୋକରେ ପରିଣତ ହୋଇ ସାରିଥିଲି।

ପ୍ରସ୍ତୁତ ରହିଥିବା ପୂର୍ବକ ପାଞ୍ଚ ଶହ ଟଙ୍କାର ନୋଟ ଟିଏ ସେମାନଙ୍କ ହାତରେ ଦେଇ ରସିଦ୍ ଦରକାର ନାହିଁ ବୋଲି ହସି ହସି କହିଲି । ଚାନ୍ଦା ଦେଇଛି ବୋଲି କାହାକୁ ନକହିବାକୁ ମଧ୍ୟ ଅନୁରୋଧ କଲି ସେମାନଙ୍କୁ।

ବିଚକ୍ଷଣ ହସ ଖିଏ ମୁହଁରେ ଫୁଟାଇ କୃତ୍ୟ କୃତ୍ୟ ହେଲା ଭଳି ' ଆଜ୍ଞା ନମସ୍କାର' କହି ଫେରିଗଲେ ସେମାନେ ଗଡ଼ ଜିତିଲା ଦର୍ପରେ.... !

ସେମାନଙ୍କ ହସ ଆମ ଘରେ ଭୟଶୂନ୍ୟ ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଥିଲା... !!!

*କୁଞ୍ଜବିହାରୀ ଲେନ୍, କଟକ*

# ଜିନ୍ଦେଗୀ ଆଜାଦ



ପୂର୍ଣ୍ଣଚନ୍ଦ୍ର ବହଳୀ

ଅପରାହ୍ନର ହାଲକା ଥଣ୍ଡା ପବନ ଆସି ରାଜେନ୍ଦ୍ର ବାବୁଙ୍କ ଦେହରେ ସ୍ପର୍ଶ କରୁଥିଲା । ଗରମରୁ ରକ୍ଷା ପାଇବା ପାଇଁ ଘର ବାହାରେ ସେ ବସିଥିଲେ ଏକା ଏକା । ଚାହିଁ ରହିଥିଲେ ଶୂନ୍ୟକୁ । ମାପୁଥିଲେ ନୀଳ ଆକାଶର ପରିସୀମାକୁ ଯାହାର ଆକଳନ ଅସମ୍ଭବ ଠିକ ଯେମିତି ଏ ଜୀବନ । ଏହାର ଆରମ୍ଭ ଓ ଶେଷ ତ ଅଛି କିନ୍ତୁ ତାର ସୀମା ଜାଣିବା ଅସମ୍ଭବ । ତାର ରହସ୍ୟ ଭେଦ କରିବା କଷ୍ଟ । କେତେବେଳେ କେଉଁଠି କେଉଁ ରୂପରେ ଶେଷ ହେବ ତାହା କେହି ଜାଣିନାହାନ୍ତି ।

ରାଜେନ୍ଦ୍ର ବାବୁ ଏହା ଅଙ୍ଗେ ଅଙ୍ଗେ ନିଭାଇଛନ୍ତି । ସବୁ ଥାଇ ମଧ୍ୟ ଆଖିରୁ ଲୁହ ଶୁଖୁନାହିଁ । କେମିତି ବା ସୁଖନ୍ତା ।

ଜୀବନର ଝଡଝଞ୍ଜା ଭିତରେ ଗତି କରି ମଧ୍ୟ ସେ ସବୁକୁ ଏଡାଇ ସେ ଆଗକୁ ବଢ଼ିଛନ୍ତି । ପ୍ରକୃତ ଖୁସିକୁ ଅନୁଭବ କରିବାର ଯେତେବେଳେ ସମୟ ଆସିଲା ପୁତ୍ରସନ୍ତାନଟିଏ ଜନ୍ମ ଦେଇ ଆଖି ଆଗରେ ଚାଲିଗଲା ସବୁଦିନ ପାଇଁ ନିଜର ପ୍ରିୟ ଓ ସଭିଙ୍କୁ ଆପଣାର କରିପାରୁଥିବା କନ୍ୟାରତ୍ନ ଦୀପାଳି...ଯାହାକୁ ଆଜିପର୍ଯ୍ୟନ୍ତ ଲୁହରେ ଅନୁଭବ କରନ୍ତି ସେ ...।

ନିଜର ଆଜ୍ଞାକାରୀ ଭାଇ ଯାହାଙ୍କ ଉପରେ ଅପାତତଃ ସମସ୍ତେ ନିର୍ଭରଶୀଳ ଥିଲେ ଅପ୍ରତ୍ୟାଶିତ ଭାବେ ଚାଲିଗଲା.. ତାହା ପୁଣି ନିଜେ ଅନୁପସ୍ଥିତ ଥିବା ସମୟରେ.. ।

ମୁଁ ରାଜେନ୍ଦ୍ର ବାବୁଙ୍କ ନିରବତାରେ ବାଧା ଦେଇ ହଠାତ ପହଂଚିଗଲି ତାଙ୍କ ପାଖରେ । ଦେଖିଲି ସେ ସେଇଭଳି ବସିଛନ୍ତି ଭାବନା ଜଗତରେ... ଶୂନ୍ୟକୁ ଚାହିଁ....କଣ ଭାବୁଛନ୍ତି ରାଜେନ୍ଦ୍ରବାବୁ, କେତେଦିନ ଭାବି ଭାବି ସମୟ କଟାଇବେ । ଆପଣଙ୍କ କଥା ହିଁ ଭାବି ଭାବି ଆସୁଥିଲି ।

ରାଜେନ୍ଦ୍ର ବାବୁ ପ୍ରକୃତିସ୍ଥ ହୋଇ କହିଲେ ଆରେ ତୁମେ...ପାଖରେ ପଡ଼ିଥିବା ଚେୟାରରେ ବସିବାକୁ କହିଲେ । ମୁଁ ବସି ପଡି କହିଲି ଆଜି ଆପଣଙ୍କ ମନକୁ ହାଲକା କରିବା ପାଇଁ ଚାଲି ଆସିଲି ଜୀବନ ବିଷୟରେ ଆପଣ ଆଉ ଟିକେ ଭାବିବା ପାଇଁ....ଗୋଟିଏ ସୁନ୍ଦର କଥା କହିବାକୁ ...

ଗତକାଲି ମୁଁ ଭୁବନେଶ୍ୱରରୁ ଟ୍ରେନ ଯୋଗେ ଆସି ଭଦ୍ରକରେ ଓହ୍ଲାଇଲା ପରେ ବାଇକ ଷ୍ଟାଣ୍ଡ ଆଡେ ଚାଲିଲି, ସାମାନ୍ୟ ଝିପିଝିପି ବର୍ଷା ହେଉଥାଏ । ଯିବା ବାଟରେ ଟିକେଟ କାଉଣ୍ଟର ବାହାରେ ଗୋଟିଏ କଥା ଶୁଣି କିଛି ସମୟ ଅଟକିଗଲି ।

.. କଥାଟି ଥିଲା ଜଣେ ସ୍ତ୍ରୀ ଲୋକର ଆଳାପ '...ଜୀନ୍ଦେଗୀ ଆଜାଦ' ଶବ୍ଦଟି... ଆଉ ଟିକେ ଜାଣିବା ପାଇଁ ଛିଡା ହୋଇଗଲି ।

ସେଠାରେ ବାରଣ୍ଡାରେ ସେ ସ୍ତ୍ରୀ ଲୋକଟିଏ ବସିଛି । କିଛି ଦୂରରେ ପିଲା ଛୁଆ ଧରି ଏକ ଯାଯାବର ଦଳ ମଧ୍ୟ ବସିଥାଆନ୍ତି । ସ୍ତ୍ରୀ ଲୋକଟି ଜୋରରେ ସେମାନଙ୍କୁ ଅନାଇ କହୁଥାଏ. ଏ ଛୁଆପିଲା କଣ ତୋତେ ସ୍ୱର୍ଗକୁ ନେବେ... କେତେଦିନ ଘଇତାକୁ ଅନାଇଥିବୁ... ଏ ଛୁଆ ବି ବଡ଼ ହେଲେ କୁଆଡେ ଫୁରକିନା ଉଡିଯିବେ ... କେତେବେଳେ ତୁ ମରିଯିବୁ ଜାଣିନାହୁଁ । କାହିଁକି ଏତେ କଷ୍ଟ ସହୁଛୁ ଲୋ....ଏ ଦେଖ...ମୋର ଘଇତା ନାହିଁ....ପିଲା ଛୁଆ ନାହାନ୍ତି... ଏବେ ଜିନ୍ଦେଗୀ ଆଜାଦ... । ଯେଉଁଠି ଯାହା ମିଳିଲା ଖାଉଛି,.... ଯେଉଁଠି ଇଛା ହେଲା ଶୋଇଯାଉଛି..... କେତେବେଳେ ମରିଯିବି... ଯିଏ ହେଲେ ବି ଉଠାଇ ନେବେ ମୋ ଶରୀର ଗନ୍ଧ ହେବା ପୂର୍ବରୁ... ତୁ ଗନ୍ଧ ହେଲେ ମଧ୍ୟ ସମସ୍ତେ ଅପେକ୍ଷା କରିଥିବେ କାଳେ ତୋ ପକ୍ଷୀମାନେ ଫେରିବେ... ହେଇ ଦେଖ ମୋ ଜିନ୍ଦେଗୀ ଆଜାଦ....। ତାର ଆଳାପରେ ଜୀବନ କିଭଳି ଆଜାଦ ହେଲା ବୁଝିବା କଷ୍ଟକର ଥିଲା କ୍ଷ କିନ୍ତୁ କୌଣସି ଦୁଃଖ ତାହାର ଥିଲା ଭଳି ବି ଅନୁଭବ ହେଲା ନାହିଁ...ହୋଇପାରେ ସ୍ତ୍ରୀ ଲୋକଟିର ମୁଣ୍ଡ ଦୋଷ ଥାଇପାରେ ବା ଜୀବନ ପ୍ରତି ସେ ବୀତସ୍ପୃହ ହୋଇଥାଇପାରେ । ହୁଏତ ଜୀବନରେ ଝଡ଼ ଆସିଛି...କିମ୍ବା ଜଂଜାଳ ଓ ଦୁଃଖକଷ୍ଟର ଯନ୍ତ୍ରଣାରୁ ସେ ଏବେ ମୁକ୍ତ ଓ ଏକଲା ....ହେଲେବି ସେ ମରିଯିବା କଥା କହୁନାହିଁ । ବଂଚିବାକୁ ଚାହୁଁଛି ଓ ତା ଦୃଷ୍ଟିରେ ତାହାର ଜୀବନ ଆଜାଦ ଓ ସେ ଆଜାଦ ଜୀନ୍ଦେଗୀ...କହିପାରୁଛି ।

ତୁ କାହିଁକି ଗଲା କଥାକୁ ସବୁବେଳେ ପାଇଁ ଝୁରି ହୋଇ ଉଦାସ ରହୁଛୁ । ଜୀବନକୁ ଟିକେ ଆଜାଦ କର । ରାଜେନ୍ଦ୍ର ବାବୁ କହିଲେ କଣ କରିବି.. ପାରୁନାହିଁ..... ସବୁ କରୁଛି... କିଂତୁ ସବୁ ସ୍ୱାଦ ହୀନ ଲାଗୁଛି... ମୋହ ମାୟା ଆକର୍ଷଣଓ ବନ୍ଧନରୁ ମୁକ୍ତ ହେବା ଆଉ ସମ୍ଭବ କି...ଯେତେବେଳେ ଏକଲା ବସୁଛି ଜୀବନକୁ ଓ ନିଜକୁ ଜାଣିବାକୁ ଚେଷ୍ଟା କରୁଛି.....ହଁ ଭିତରେ ସବୁ ଚାପି ରଖି ଆଜାଦ ହେବାର ଅଭିନୟ କରିବାକୁ ପଡୁଛି..

ମୁଁ କହିଲି ହେଉ ହେଲା ହେଲା...ଆସ ଟିକେ ପାଖ ଦୋକାନରୁ ଚା ପିଇ ଆସିବା.... ।

*ସମ୍ପାଦକ, ଶିବାନୀ*
*ଭଦ୍ରକ*

## ପରିବାର

*ଆଦ୍ୟାଶା ମହାପାତ୍ର*



ସ୍ନେହମୟୀ ମାତା ଅସୀମ ମମତା
ସତେ ଅମୃତର ଝର
ବାପାଙ୍କ ଆକଟ ଦେଖାଏ ସୁପଥ
ନିଆରା ତାଙ୍କ ଆଦର ॥
ଭାଇ ଭଉଣୀଙ୍କ ସେନେହ ଶ୍ରଦ୍ଧାର
ପଟାନ୍ତର ସତେ ନାହିଁ
ଜେଜେ ମା କାହାଣୀ ବୁଢ଼ୀ ଅସୁରୁଣୀ
ପୁରୁଣା କେବେ ନୁହଇ ॥
ସଂସ୍କାର ସଂସ୍କୃତି କେତେ ରୀତିନୀତି
ସଂସାର ନିୟମ କଥା
ଗୀତା ଭାଗବତ ପୁରାଣ ମାଧ୍ୟମେ
ଶୁଣେ କେତେ ପୂଣ୍ୟ ଗାଥା ॥
ଆପଣାପଣର ସମ୍ବୋଧନ ଲାଗେ
ସତେ କି ମଳୟ ଛୁଆଁ
ଗୁରୁଜନଙ୍କର ଅମ୍ଳାନ ଆଶିଷେ
ବୁଝିଲି ଦେଶ ଦୁନିଆ ॥
ସୁରକ୍ଷିତ ନୀଡ଼ ସମ୍ପର୍କ ସୁଦୃଢ
ସରଗ ସୁଖ ଠୁ ବଳି
ହାତ ଧରି ପରା ଶିଖାଇଲା ପାଠ
ସେଇ ଆଦ୍ୟ ଚାଟଶାଳୀ ॥
ଶାଶ୍ୱତ ପ୍ରେମର ସମ୍ପର୍କେ ନିହିତ
ଏକତ୍ୱର ଉପଚାର
ଶାନ୍ତି ଶୃଙ୍ଖଳା ଓ ପ୍ରୀତି ବାରି ଧାରା
ଦୃଶ୍ୟ ଯହିଁ ନିରନ୍ତର ॥
ହେଉ ଝାଟିମାଟି ଛପର ଘରଟି
ଲାଗେ ସତେ ଶ୍ରୀମନ୍ଦିର,
ସ୍ନେହ ସୋହାଗର ଅସୀମ ସାଗର
ସେଇ ମୋର ପରିବାର ॥

*ନୂଆପଡା, କଟକ*

## ସୀମାନ୍ତ ଯୋଦ୍ଧା

*ରତ୍ନକାନ୍ତି ମିଶ୍ର*



ଦେଶରକ୍ଷା ଲାଗି କରିଛି ମୁଁ ପଣ
ସୀମାନ୍ତ ସୈନିକ ଯୋଦ୍ଧା
କର୍ତ୍ତବ୍ୟ ମୋ ପାଇଁ ସବୁଠାରୁ ବଡ଼
ଆସୁ ପଛେ ଯେତେ ବାଧା ॥
ମୋ ମାଟି ମାଆର ଗାରିମା ଅକ୍ଷୁର୍ଣ୍ଣ
ରଖିବାକୁ ଆଗଭର
ସେବାରେ ଢାଳିଛି ଜୀବନକୁ ମୋର
ରହି ସଦା ଉଜାଗର ॥
ବୀର ଜବାନ ମୁଁ ନୁଆଁଏନି ଶିର
ଅରାତି ସାମ୍ନାରେ କେବେ
ନିଜ ପ୍ରାଣ ନୁହେଁ ଦେଶର ସୁରକ୍ଷା
ଧର୍ମ ମୋହର ଭାବେ ॥
ଗୁଳି ଗୋଳା ଆଉ ବନ୍ଧୁକ ମୁନକୁ
କରିଛି ମୁଁ ଆପଣାର
ଖରା ବର୍ଷା ଶୀତ ଖାତିରି କରେନା
ଥାଏ ସଦା ହୁସିଆର ॥
କାପୁରୁଷ ପରି ବଞ୍ଚିବା ଚାହେଁନା
ବୃଥା ସେ ଜୀବନ ଭୋଗ
ସହୀଦ ହୋଇଲେ ମାଟି ମା ପାଇଁ
ଜାଣିବି ମୋର ସୌଭାଗ୍ୟ ॥
ପଛଘୁଞ୍ଚା ନୁହେଁ ସୀମାନ୍ତ ଯୋଦ୍ଧା ମୁଁ
ଦେଶ ପାଇଁ ମରିପାରେ
ମୋ ଦେଶ ମୋ ପାଇଁ ପୂଣ୍ୟ ତୀର୍ଥଭୂମି
ସ୍ମରୁଥାଏ ନିରନ୍ତରେ ॥

*ଆଳି, କେନ୍ଦ୍ରାପଡା*

## ବଣଭୋଜି ମଜା ନାହିଁ

*ସୁନୀଲ କୁମାର ପ୍ରଧାନ*



ବଣ ଭୋଜିରେ ମୋ ଆଉ ଖୁସି ନାହିଁ
ଲାଗୁଥିଲା ଭାରି ମଜା
ସାଙ୍ଗ ସାଥି ମେଳେ ଗାଆଁ ପାହାଡ଼ରେ
ଭୋଜି ପାଇଁ ହୁଏ ସଜା ।
ଜଙ୍ଗଲ ଜାଳେଣୀ ଝରଣାର ପାଣି
ମୋ ଗାଆଁ ପନିପରିବା
ହସ ଖୁସି ମେଳେ ଜେଜେଙ୍କର ଗପ
ସେ ଆନନ୍ଦ କି ପାଇବା ।
ପରିବାର ମିଶି କଲେ ମଧ୍ୟ ଭୋଜି
ଆଗଭଳି ମଜା ନାହିଁ
ଏହି ସ୍ମାର୍ଟ ଫୋନ୍ ଆସିଲା ଦିନଠୁ
ଖୁସି ନେଲା ସେ ଛଡାଇ ।
ବଣଭୋଜି ମଜା ବଣରେ ରହିଲା
ଜଙ୍ଗଲ ହୋଇଲା ଧ୍ୱଂସ
ସେହି ଦିନ ଆଉ ଆସିବ କି ଭାଇ
ହୋଇବା ଆମେ ହରଷ ।
ସମୟ ସୁଅରେ ଚାଲିବାକୁ ହୁଏ
ସ୍ମୃତି ଯାଉ ଥାଏ ହଜି
ସେହି ସ୍ମୃତି ଯେବେ ମନେ ପଡ଼ିଯାଏ
ଲେଖୁଛି କବିତା ଆଜି ।

*ଝାଟିପଦର , ପାଲୁର , ଗଂଜାମ*
*ମୋ - ୭୬୦୯୯୩୪୩୬୬*

## ତୁମ ବିନା ସବୁ ଲାଗେ ଶୂନ୍ୟ ଶୂନ୍ୟ

*କବିରତ୍ନ ନୂତନ କୁମାର ବେହେରା*




ତୁମ ବିନା ସବୁ ଲାଗେ ଶୂନ୍ୟ ଶୂନ୍ୟ
ଏକାକାରରୁ କଲ ବିଚ୍ଛିନ୍ନ ମିଳେ ନାହିଁ ପୁଣ୍ୟ
ଭାବିଥିଲି ତୁମେ ମୋ ପାଇଁ ସଦା ବରେଣ୍ୟ
ଦେଉଥିଲି ତ ହୃଦୟରୁ ଯଥାମାନ୍ୟ
ବୁଝିଲନି ମୋ ପ୍ରେମକୁ ଭାବିଲ ସାମାନ୍ୟ
ଭଲ ପାଇବା ଭୁଲିଲ ହେଲି ମୁଁ ତୁମର ଘୃଣ୍ୟ
ଫୁଲରୁ ବାସନା ଜହ୍ନରୁ ଜୋଛନା ହେଲେ ଭିନ୍ନ
ରହେ ନାହିଁ ତାଙ୍କର ଆଉ ଗୁଣାତ୍ମକ ମାନ
ସଂଗୀତର ମୂର୍ଚ୍ଛନା... ଅଙ୍ଗ ବିନା ଗହଣା
ସବୁ ନିରର୍ଥକ ହୁଏ କେବଳ ପ୍ରବଞ୍ଚନା
ସ୍ରୋତ ବିନା ବହି ଯାଇ ପାରେନା ଝରଣା
ହସ ଖୁସି ଆନନ୍ଦ ବିନା ଘର ଅଗଣା
ମାନେ କିଛି ନାହିଁ ସେ ତ ଜୀବନର ବିଡ଼ମ୍ବନା
ହଜିଯାଏ ସମ୍ଭାବନା ହୁଏ ତା' ନଗଣ୍ୟ
ତୁମ ବିନା ସବୁ ଲାଗେ ଶୂନ୍ୟ ଶୂନ୍ୟ
ପ୍ରାଣ ବିନା ପିଣ୍ଡ ...ବିଶ୍ୱ ବ୍ରହ୍ମାଣ୍ଡରେ ନ୍ୟୂନ
ଜଳ ବିନା ସ୍ଥଳ ସବୁଜିମାରେ ହୁଏ ନାହିଁ ପୂର୍ଣ୍ଣ
ତୁମେ ଥିଲା ମୋ ଆଶା ବୁଝିବ ବେଦନା
କରିଥିଲି ଭରସା ଘୁଞ୍ଚାଇବ ମୋର ଯନ୍ତ୍ରଣା
ଏ ଜୀବନେ ନିଜକୁ ମଣିବି ମୁଁ ଧନ୍ୟ
ଦୃଢ଼ ବିଶ୍ୱାସ ଭାଙ୍ଗିଲା ବଶ କରେ ଦୈନ୍ୟ
ବନ୍ଦ ହୁଏ ନିଃଶ୍ୱାସ ପ୍ରଶ୍ୱାସ ହୃଦୟର ସ୍ପନ୍ଦନ
ପ୍ରତୀକ୍ଷା କରିଥିଲି ହେବ ମୋ ଜୀବନ
ଦେଲ ନାହିଁ ଧ୍ୟାନ ଚାଲିଗଲ କରି ପ୍ରତ୍ୟାଖ୍ୟାନ
ବଞ୍ଚିବା ମରିବା ଲାଗେ ମୋତେ ସମାନ
ତୁମ ଫେରିବାର ପାଦଶବ୍ଦ ଶୁଣି ପାରୁନି କାନ
ସନ୍ତାପେ ମୋ ନୟନ କରେ ଅଶ୍ରୁ ବିସର୍ଜନ
ପ୍ରେମ ବିନା ସାରା ଭୁବନ ଏକ ଶ୍ମଶାନ
ଏଠି ଶୁଣେ ନାହିଁ କେହି ଅରଣ୍ୟ ରୋଦନ
ତୁମ ବିନା ସବୁ ଲାଗେ ଶୂନ୍ୟ ଶୂନ୍ୟ।

*କୋହି, ବାରିପଦା, ମୟୂରଭଞ୍ଜ,*
*ଦୂରଭାଷା :୮୦୧୮୩୫୩୩୨୨*

## ଅପରିଚିତ

*ସୁଧାକର ରାଉତ*



ତୋ ସକାଳଟି ବହୁତ ସୁନ୍ଦର
ସେ ଲାଗି ତୋ ପ୍ରତି ବଢିଥିଲା
ଏତେ ସରାଗ ଆଉ ଆଦର ।
ଭାଗ୍ୟ କିନ୍ତୁ ବଡ଼ ନିର୍ଦ୍ଦୟ
ସେ ଛାଡି ଦେଲା ହାତ ତାର ।
ତଣ୍ଟି ଚିପି ଦେଲା
ମୋର ସରଳ ବିଶ୍ୱାସର
ନା ମୁଁ ହୋଇପାରିଲି ତୋର
ନା ସକାଳ ଟା ହେଲା ଆପଣାର ।
ଏବେ ଜୀବନର ଦ୍ୱିପ୍ରହର
ସେଥିରେ ପୁଣି ବସନ୍ତକୁ କରି ହତାଦର
ନିଦାଘଟା କରୁଛି ଦାରୁଣ ପ୍ରହାର ।
ନିଆଁ ଲାଗି ସ୍ୱପ୍ନର ଡେଣାରେ
ଛଟପଟ ମନେ ଭରେ ହାହାକାର ।
ନାହିଁ ତ ଆଖି ହୃଦୟର
ଥିଲେ ଜାଣନ୍ତା
ଆପଣାର କିଏ ଆଉ କିଏ ପର ।
ସାକ୍ଷୀ ହୋଇ ନିଶୂନ ସମୟ
ଘାତ ପ୍ରତିଘାତ ସହି ସହି ପଡିଛି
ଏ ପଥର ଶରୀର
ହୋଇ ଅପରିଚିତ ତୋର
ଆଉ ନିଜ ଅଦୃଷ୍ଟର ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଫେରିଆସ ସୀତାନାଥ

*ରାମଚନ୍ଦ୍ର ବେହେରା*



ଚୈତ୍ର ମାସ ଶୁକ୍ଳ ନବମୀ ତିଥିରେ
ପୂଣ୍ୟ ଅଯୋଧ୍ୟା ଭୂଇଁରେ
କୌଶଲ୍ୟା ମାତାଂକ କୋଳେ ଜନମିଲ
ଶ୍ରୀରାମ ଅବତାରରେ।
ତ୍ରେତୟା ଯୁଗରେ ସ୍ୱୟଂ ନାରାୟଣ
ରଘୁକୁଳେ ହେଲ ଜାତ
ମର୍ଯ୍ୟାଦା ପୁରୁଷ ନାମେ ହେଲେ ଖ୍ୟାତ
ରାଜା ଦଶରଥ ସୁତ।
ଶୈଶବରୁ ତୁମ ବିଚାରର ଧାରା
ସଭିଂକୁ କରିଲା ବଶ
ବିଚକ୍ଷଣ ବୁଦ୍ଧି ସତ୍ୟ ଓ ନିଷ୍ଠାରେ
ସାରା ବିଦ୍ୟା କଲ ଶେଷ।
ସକଳ ଗୁଣର ଆଧାର ଶ୍ରୀରାମ
ପୁତ୍ର ଧର୍ମ ପାଳି ହୃଦେ
ରାଜସୁଖ ତେଜି ବନବାସ ଗଲ
ସାଥୀରେ ଲକ୍ଷ୍ମଣ ସୀତେ।
ବନବାସ କାଳେ ଅଧର୍ମୀ ଲଂକେଶ
ସୀତାଂକୁ କଲା ହରଣ
କୁକର୍ମ କାରଣେ ତୁମ ଧନୁବାଣେ
ହୋଇଥିଲା ସେ ନିଧନ।
ଘନ ଅରଣ୍ୟରେ ନିଜ ପଦ ସ୍ପର୍ଶ ?
ଅହଲ୍ୟା ଉଦ୍ଧାର କଲ
ଜାତି ଧର୍ମ ଭୁଲି ଶବରୀ ଅଇଁଠା
ଫଳ ମୂଳ ଯେ ଖାଇଲ।
କୈକେୟୀ ମନ୍ଥରା ଯୁଗେ ଯୁଗେ ଥିବେ
ଥିବେ ଲକ୍ଷ୍ମଣ ଭରତ
ରାମ ନବମୀର ଶୁଭ ମୁହୂର୍ତ୍ତରେ
ଫେରିଆସ ସୀତାନାଥ।
ହିଂସା ରାଗ ରୋଷ ଅପସରି ଯାଉ
ଅହିଂସା ଆଦର ପାଉ
ତ୍ରେତୟାର ସେଇ ପୂଣ୍ୟ ରାମରାଜ୍ୟ
ଉତ୍କଳରେ ଶୋଭାପାଉ।
ତୁମ ଆଗମନେ ହସିଉଠୁ ବିଶ୍ୱ
ସତ୍ୟର ହେଉ ବିଜୟ
ଧର୍ମ ଭାବନାରେ ଫେରିଆସୁ ଶାନ୍ତି
ଘୃଣାର ହେଉ ବିଲୟ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ମନେ ପଡେ ଘର ଡାଲମା

*ଜଗଦୀଶ ପଣ୍ଡା*



ଘରଠୁ ଦୂରେ ଦୂର ସହରେ
ଛୁଟିଦିନର ଦ୍ୱିପହରେ
ହଷ୍ଟେଲର ଖାଦ୍ୟ ଖାଉ ଖାଉ
ମନେ ପଡେ ଘର ଡାଲମା
ସକାଳୁ ସକାଳୁ ତଟକା ପରିବା
କୁଢା ହୁଏରେ ପାହାଡ଼ ପରିକା
ରୋଷେଇ ଘରର ରୂପ ବଦଳେ
ପନିପରିବାର ସମ୍ଭାର ଲାଗିଲେ
ଜଣାପଡେ ଆଜି ମା କ'ଣ ରାନ୍ଧିବେ
ଡାଲମା ହେବ ବୋଧେ ନିଶ୍ଚିତ ଭାବେ
କଦଳୀ ନଡ଼ିଆ ଛଟା କଖାରୁ
ବାଡି ବାଇଗଣ ସଙ୍ଗେ ସାରୁ
ସେଥିରେ ପଡେରେ ଦେଶୀଆଳୁ
ଅନ୍ୟାନ୍ୟ ପନିପରିବା ସକାଳୁ
ଡାଲିଟା ପକେଇ ହେଙ୍ଗୁ ଟିକେ ଦେଇ
ଛୁଙ୍କ ଦିଏରେ ଡାଙ୍କୁଣି ହଟେଇ
ଗୁଆ ଘିଅ ଛୁଙ୍କ ବାଜିଲେ ନାକରେ
ଡାଲମାର ମହକ ଖେଳେ ଘରେ
ଟିକେ ଶୁଙ୍ଘିଦେଲେ ପେଟ ପୁରେ
ତା ବାସ୍ନାରେ ମନରେ ଲୋଭ ଆସେ
ଲେମ୍ବୁ ଲଙ୍କା ଧରି ପ୍ରଥମରେ ବସେ
ଶାଗ ଟିକେ ଥିଲେ ସ୍ୱାଦ ବଢ଼ିଯାଏ
ଖାଇଦେଲେ ଆତ୍ମା ତୃପ୍ତି ହୋଇଯାଏ
ଦୂରେ ରହି ସେ ଖାଇବା ଝୁରୁଛି
ନିଜ ହାତ ରନ୍ଧାରେ କି ପେଟ ପୁରୁଛି
କି ଲେଖିବି ଆଉ ଡାଲମାର କଥା
ଭାବିଦେଲେ ଓଠରେ ପାଣି
ଆସିଗଲା।

*ଅଲାଡିଗାଁ, ଗଂଜାମ*

## ନମାମି ସ୍ମରଣେ

*ଲକ୍ଷ୍ମୀପ୍ରୀୟା ରାଉତରାୟ*

ଚୀର ପୂଜନୀୟ ହେ ମହାମହିମ
ବରୀର ଯୋଗ୍ୟ ସୁତ
ରାମଚନ୍ଦ୍ରପୁର ଧନ୍ୟ କରି ତୁମେ
ହୋଇଥିଲ ସତେ ଜାତ।
କ ବ୍ୟର ପଥେ ବ୍ରତୀଥିଲ ସଦା
ଆଦର୍ଶ ମଣିଷ ଭାବେ
ଉଦ୍ୱାନ କାର୍ଯ୍ୟରେ ଯୋଗ ଦେଇଥିଲ
ଗୌରବ ଆଣିଛ ଭବେ।
କର୍ମମୟ ଏହି ସଂସାର ସାଗରେ
ତୁମେ ଦକ୍ଷ ନାଉରିଆ
ଥକିଯାଇ ନାହଁ ଚଲାପଥେ କେବେ
ଦେଖାଇଛ ନୂଆ ରାହା।
ରାମଚନ୍ଦ୍ରପୁର ଖଦିମଣ୍ଡଳର
ଦାୟିତ୍ୱ ଯେ ନେଇଥିଲ
କେତେ ସ୍ୱାବଲମ୍ବି କରିଛ ଏ ବୁକେ
ନୂଆ ରାହା ଦେଖାଇଥିଲ।
ଝୁରୁଛି ଏ ଗାଁ ଝୁରେ ଗାଁ ମାଟି
ଝୁରଇ ଭଜନା ବାଡ଼ି
ତୁମ ଶୂନ୍ୟତାର ପୂର୍ଣ୍ଣତା ନାହିଁ
ସ୍ମୃତିକୁ ଧରେ ଜାବୋଡ଼ି।
ଆଖି ଲୁହ ଆଜି ବାଧା ମାନେନାହିଁ
ଧାର ଧାର ଅଶ୍ରୁ ଯାଏତଝରି
କେ କହିବ ଆଉ ସ୍ନେହବୋଳା କଥା
ହଜିଲା ଅତୀତ ହୁଏ ସୁମରି।

*ଯାଜପୁର*

## ନିଃସଙ୍ଗତାର ନିର୍ଝରିଣୀ

*ଡଃ ରଶ୍ମିରଞ୍ଜନ ସ୍ୱାଇଁ*

ନିଃସଙ୍ଗତାର ନିର୍ଝରିଣୀ
ବହୁଅଛି ଧୀରେ,
ବାସ୍ତବିକତା ଠୁ ବହୁ ଦୂରେ ।
ସର୍ବଦା ପ୍ରକୃତିସ୍ଥ ମନ
ଆଜି ସ୍ୱପ୍ନ ରାଇଜରେ।
ନା ଚପଳତା ନା
ଅଛି ଚଂଚଳତା
ଶୁଷ୍କ ପଲ୍ଲବ ପ୍ରାୟ ମନ,
ଖୋଜେ ନିର୍ଜନତା ॥
ହୃଦୟ ସାଜିଛି ଆଜି ଭଙ୍ଗୁର ପାଷାଣ,
ଶାନ୍ତି ର ସନ୍ଧାନ ନୁହେଁ ଏହା ର କାରଣ॥
ମନ ନୁହେଁ ଭୟାତୁର, ଗ୍ଳାନି ଜର୍ଜରିତ
ବାଷ୍ପରୁଦ୍ଧ କଣ୍ଠ ଆଉ ହୃଦୟ ବ୍ୟଥିତ॥
ପ୍ରତିଦ୍ୱନ୍ଦ୍ୱୀ ଧରା ଦେଖି ମନ
ଭୟାତୁର ପରା,
ଅଦମ୍ୟ - ବୋଧଗମ୍ୟ ମନ
ବିଷର୍ଣ୍ଣରେ ଭରା ॥
ଶିରସ୍ତ୍ରାଣ ସ୍ଫୂର୍ତ୍ତ ମନେ ଆଜି
କବାଜଇ ଦୁନ୍ଦୁଭି,
ଆକାଂକ୍ଷିତ ଅନ୍ତର୍ଭେଦି ଦୃଷ୍ଟି ସାଜିବ ପ୍ରଭାବି।
ଏଇ ନିର୍ଝରିଣୀ ଦିନେ ହେବ ସମୁଦ୍ରରେ ବିଲୀନ,
ନୈସର୍ଗିକ ସଂସର୍ଗ ର ହେବ ଆଗମନ॥

*ବାଲେଶ୍ୱର*

## କବିତା ସାମ୍ରାଜ୍ୟ

*ନିରଞ୍ଜନ ସାହୁ*



କବିତା ସାମ୍ରାଜ୍ୟ ଗଢିବା ସଂକଳ୍ପ ?
ପ୍ରତିଜ୍ଞାବଦ୍ଧ ମୁଁ ଅଟେ
ସେଥିପାଇଁ ମୋର ଅନେକ ସମୟ
କବିତା ଲେଖାରେ କଟେ ।

ଭାବନା ରାଇଜେ ବିଚରଣ କରେ
କାଗଜ କଲମ ଧରି
ଗଣେଶ, ବାଗଦେବୀ ସ୍ମରଣ କରେ ମୁଁ
ଅନ୍ତରରେ ଭକ୍ତି ଭରି
ଶବ୍ଦ ସନ୍ଧାନ ମୁଁ ନିତି କରୁଥାଏ
କଳ୍ପନା ନଦୀର ତଟେ ।

ଅଭିଧାନ ସହ ନିବିଡ଼ ସମ୍ପର୍କ
ରହିଥାଏ ସଦା ମୋର
କେବେହେଲେ କାହା କବିତା ଉତାରି
ହୁଏନାହିଁ ଲେଖା ଚୋର
କବିତା ସାମ୍ରାଜ୍ୟ କେମିତି ବ ?ିବ
ସେ ଚିନ୍ତାରେ ମୁହିଁ ଖଟେ ।

କବିତା ସମ୍ରାଜ୍ୟେ ସମ୍ରାଟ ହେବାକୁ
ଇଛାନାହିଁ ଇଛାନାହିଁ
ଲେଖିବାର ନିଶା ପ୍ରବଳ ରହିଛି
ଲେଖିପାରୁଛି ଯେ କାହିଁ
ସମୟର ଭାରି ଅଭାବ ପଡୁଛି
ପ୍ରତିବନ୍ଧକ ନ ହଟେ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ : ୭୫୯୦୧୬*
*ମୋ : ୯୯୩୮୭୪୧୫୮୩*



# ମୋ ଓଡ଼ିଶା

## ଓବେସୋଫୋବିଆ





ଓଜନ ବଢ଼ିବା, ବର୍ତ୍ତମାନ ସମୟରେ ସବୁଠୁ ବଡ଼ ଚିନ୍ତା ଭିତରୁ ଗୋଟିଏ। ଓଜନ ବୃଦ୍ଧି ପାଇବା ଅନେକ ରୋଗର କାରଣ ପାଲଟୁଛି। ଏହି କାରଣରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କେହି କେହି ଓଜନ ବୃଦ୍ଧିକୁ ନେଇ ଏତେ ଚିନ୍ତିତ ହୋଇପଡୁଛନ୍ତି ଯାହା ଏକ ମାନସିକ ସମସ୍ୟାରେ ପରିଣତ ହେଉଛି। ଯଦି ଆପଣ ବି ସବୁବେଳେ ଓଜନ ବୃଦ୍ଧିକୁ ନେଇ ଭୟ କରୁଥିବେ, କାଳେ ମୋର ଓଜନ ବଢ଼ିଯିବନି। ତା'ହେଲେ ଏହାକୁ ଫୋବିଆ ରୂପରେ ଦେଖାଯାଇଥାଏ। ଏହି ଫୋବିଆକୁ ଡାକ୍ତରୀ ଭାଷାରେ କୁହାଯାଇଥାଏ ଓବେସୋଫୋବିଆ। ଓବେସୋଫୋବିଆ ଓଜନ ବୃଦ୍ଧିକୁ ନେଇ ମନରେ ଆସୁଥିବା ଏକ ଅସାମାନ୍ୟ ଡର, ଯାହା ବ୍ୟକ୍ତିର ଖାଦ୍ୟପେୟ ଅଭ୍ୟାସକୁ ପ୍ରଭାବିତ କରିଥାଏ। ଏହି ଫୋବିଆରେ ପୀଡ଼ିତ ବ୍ୟକ୍ତି ଅନ୍ୟ ମାନସିକ ରୋଗ ଯେମିତି ଏନେରେକ୍ସିଆ, ବୁଲିମିଆ ପରି ରୋଗରେ ମଧ୍ୟ ପୀଡ଼ିତ ଥାଆନ୍ତି। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତି ଅଧିକ ମୋଟା ଲୋକଙ୍କୁ ଘୃଣା କରିଥାନ୍ତି। ଏମିତିକି ସେମାନେ କିଛି ବି ଖାଇବାକୁ ଭୟ କରିଥାନ୍ତି। ଓବେସୋଫୋବିଆ ହେବାର ଅନେକ କାରଣ ରହିଛି। ପିଲାଦିନେ ଓଜନକୁ ନେଇ କୌଣସି ଖରାପ ଅନୁଭବ କିମ୍ବା ଆଖପାଖ ପରିବେଶ ଏହି ମାନସିକ ରୋଗ ହେବାର କାରଣ ହୋଇପାରେ। ନଚେତ ଏହି ମାନସିକ ରୋଗ ଯଦି ପରିବାରରେ କାହାକୁ ହୋଇଥିବ ତା'ହେଲେ ଘରର ଅନ୍ୟ ସଦସ୍ୟଙ୍କୁ ହେବାର ମଧ୍ୟ ଆଶଙ୍କା ଥାଏ। ଅନ୍ୟ କାରଣ ଗୁଡ଼ିକରେ ସାମାଜିକ ଚିନ୍ତା, ମନରେ ଅସୁରକ୍ଷିତ ଭାବନା କିମ୍ବା ଲୋକଙ୍କ ଆଲୋଚନାର କାରଣ ମଧ୍ୟ ମନରେ ମୋଟା ହେବାର ଭୟ ସୃଷ୍ଟି କରିଥାଏ। ଅନେକ ଲୋକ ଏହାର ଲକ୍ଷଣ ଜାଣି ପାରିନଥାନ୍ତି। ଏହାକୁ ଉତ୍ତମ ଖାଦ୍ୟ ଅଭ୍ୟାସ ବୋଲି ଭାବିଥାନ୍ତି। କିନ୍ତୁ ଏହି ଅଭ୍ୟାସ ଓବେସୋଫୋବିଆର କାରଣ ହୋଇପାରେ। ସ୍ୱାସ୍ଥ୍ୟକର ଡାଏଟ୍ ଅନୁସରଣ କରିବା ଓବେସୋଫୋବିଆ ନୁହେଁ। କିନ୍ତୁ ଯଦି କେହି ପତଳା ରହିବା ପାଇଁ ଆବଶ୍ୟକତାଠାରୁ ଅଧିକ ଡାଏଟ ଅନୁସରଣ କରିବା, ଏକ୍ସରସାଇଜ କରିବା ଏବଂ ଭୋକିଲା ରହିବା ଓବେସୋଫୋବିଆର ଲକ୍ଷଣ ହୋଇପାରେ। ଓବେସୋଫୋବିଆର କୌଣସି ଗୋଟିଏ ଚିକିତ୍ସା ନାହିଁ। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତିର କାରଣ ବୁଝି ଡାକ୍ତର ଏହାର ଚିକିତ୍ସା କରିଥାନ୍ତି। ଥେରାପି ଏବଂ ବ୍ରେନ୍ ଏକ୍ସରସାଇଜରେ ମଧ୍ୟ ଭଲ ହୋଇପାରେ।

**—ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ: ୯୧୩୨୪୩୩୩୩୩**

## ଡ଼ିଏଲଆର ସଙ୍ଘ ର ସଭ୍ୟ କାହାର ଅଧିକ ପୋଲିସ ର ତଦନ୍ତ ପ୍ରକ୍ରିୟା ଜୋରଦାର

ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ଡ଼ିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ଓ୍ୱାର୍କମେନ ଆସୋସିଏସନ ର ଗତ ୪/୯/୨୪ ତାରିଖରେ ପାରାଦୀପ ବନ୍ଦର ନୂତନ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାଧାରଣ ସଭା ବୈଠକ ରେ ୭୦୦ ରୁ ଉର୍ଦ୍ଧ ଡିଏଲଆର ସଦସ୍ୟ ମାନେ ସର୍ବସମ୍ମତି କ୍ରମେ ପ୍ରକାଶ ତ୍ରିପାଠୀଙ୍କୁ ସଭାପତି ଓ ଅଭିମନ୍ୟୁ ବେହେରା ଙ୍କୁ ସାଧାରଣ ସମ୍ପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରି ସମସ୍ତ ସରକାରୀ ଅଧିକାରୀଙ୍କୁ ଅବଗତ କରାଇଥିଲେ । ତେବେ ପୂର୍ବ ସଭାପତି ବାପି ସର୍କେଲଙ୍କୁ ସଙ୍ଘ ର ସଭ୍ୟ ମାନେ ସଙ୍ଘ କାର୍ଯ୍ୟାଳୟ ର ଚାବି ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବାରମ୍ବାର ମାଗିବା ସତ୍ତ୍ୱେ ସର୍କେଲ ତାହା ନଦେବାରୁ ଗତ ଫେବୃଆରୀ ୧୯ ତାରିଖରେ ପାରାଦୀପ ଆଦର୍ଶ ଥାନାରେ ତାଙ୍କ ନାମରେ ଅଭିଯୋଗ କରାଯାଇ ନୂତନ କର୍ମକର୍ତ୍ତା ଙ୍କୁ ଚାବି ହସ୍ତାନ୍ତର ପାଇଁ ଥାନାରେ ଲିଖିତ ଆକାରରେ ଦିଆଯାଇଥିଲା । କିନ୍ତୁ ଏହାପରେ ବାପି ସର୍କେଲ ନୂତନ କର୍ମକର୍ତ୍ତା ଙ୍କ ନାମରେ ପାଲଟା ମିଥ୍ୟା ଅଭିଯୋଗ କରିଥିଲେ । ଏହି ଘଟଣା ପରେ ପୋଲିସ ପାରାଦୀପ ବନ୍ଦର ପ୍ରାଧିକରଣ ଠାରୁ ଡିଏଲଆର ଙ୍କ ସର୍ବମୋଟ ସଂଖ୍ୟା, ତାଙ୍କ ନାମ ଓ ଫୋନ ନମ୍ବର ଆଣି ତଦନ୍ତ ପ୍ରକ୍ରିୟା କୁ ଜୋରଦାର କରୁଛନ୍ତି କ୍ଷ ବର୍ତ୍ତମାନ ପ୍ରକାଶ ତ୍ରିପାଠୀ ଓ ବାପି ସର୍କେଲ କାହା ପାଖରେ କେତେ ସଭ୍ୟ ଅଛନ୍ତି ତାହା ପ୍ରମାଣ ସହିତ ଥାନାରେ ଦାଖଲ କରିବାକୁ ପୋଲିସ ନିର୍ଦ୍ଦେଶ ଦେଇଛି । ସୂଚନାଥାଉକି ପାରାଦୀପ ପୋର୍ଟ ଡିଏଲଆର ଙ୍କ ସଂଖ୍ୟା ୧୦୦୭ । ବର୍ତ୍ତମାନ ୫୦୪ ସଭ୍ୟ ଯାହାର ଥିବେ ଆଇନଗତ ଭାବେ ସଂଖ୍ୟା ଗରିଷ୍ଠତା ଆଧାରରେ ସେହି ସଂଘର ନେତା ହେବେ ଡିଏଲଆର ସଙ୍ଘ ର ସଭାପତି ।

## 'ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି'



ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖା ନଗଣ୍ୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା । ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବଉଳାବନ୍ଧର ପ୍ରଖ୍ୟାତଯଶା କଳାକାର ତଥା ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥ ଗାୟତ୍ରୀ ମନ୍ଦିର ପରିସରରେ 'ରାମାୟଣର ସାମାଜିକ ପ୍ରତିଫଳନ' ନେଇ ଏକ ଆଲୋଚନାଚକ୍ର ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଶିଷ୍ଟ କୂଟନୀତିଜ୍ଞ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧକ୍ଷ ଅବସର ବେଉରିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସାନଭାଇ ସ୍ୱର୍ଗତଃ ଭବାନୀଚରଣ ପଟ୍ଟନାୟକଙ୍କ ପଚାଶ ବର୍ଷ ତଳର ପାଣ୍ଡୁଲିପି 'ଆଦରିଣୀ' ତାଙ୍କ ନାତୁଣୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା। ଏହି କବିତା ପୁସ୍ତକର ସଂଗୀତ ଶୈଳୀ ମନୋମୁଗ୍ଧକର ବୋଲି ମତପ୍ରକାଶ ପାଇଥିଲା। ସେହିପରି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ଉତ୍କଳ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା' ଶୀର୍ଷକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ରାମାୟଣ' ଉପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ପତିତପାବନ ଦଳାଇ, ମୁଖ୍ୟବକ୍ତା ରୂପେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଡଭୋକେଟ୍ ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦୟାନିଧି ସାହୁ ଯୋଗଦେଇ ରାମାୟଣ-ତ୍ୟାଗ ଓ ମହନୀୟତାର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗୟାପ୍ରସାଦ ମିଶ୍ର, ସମରେନ୍ଦ୍ର ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା, ବିଳାସିନୀ ଦାଶ, ସୌଭାଗ୍ୟକୁମାର କର, ବ୍ରଜକିଶୋର ସାହୁ, ଆଡଭୋକେଟ୍ ବିକ୍ରମକେଶରୀ ଚମ୍ପତି, ନଳିନୀ ଦାଶ, ନାରାୟଣ ଦାସ ଓ ଶାନ୍ତିଲତା ଦେବୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପଣ୍ଡିତ ବାସୁଦେବ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଆୟୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ସାହୁ, ଦିଲ୍ଲୀପ କୁମାର କର ଓ ସୁକାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର (ପିଏନ୍): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବ-୨୦୨୨ ଅବସରରେ ଆସନ୍ତା ଡିସେମ୍ବର ୪ ତାରିଖରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ। କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ପୂର୍ବାହ୍ନ ୯ଟା୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁଇଟି ଅଧିବେଶନରେ ସାହିତ୍ୟ ଆଲୋଚନା, ବ୍ୟଙ୍ଗ କବିତା ଆସର, ଅଣୁଗଳ୍ପ ଓ କବିତା ପାଠ, ପୁସ୍ତକ ଉନ୍ମୋଚନ ସହିତ ଚଳିତବର୍ଷ ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ଚଳିତବର୍ଷ ବିଶିଷ୍ଟ କବୟିତ୍ରୀ ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ବିଶିଷ୍ଟ ପ୍ରାବନ୍ଧିକ ତଥା ଗବେଷକ ଡକ୍ଟର ବିବୁଧ ରଞ୍ଜନଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ', ବିଶିଷ୍ଟ ବ୍ୟଙ୍ଗକବି ସତ୍ୟାନାଶଙ୍କୁ 'ବ୍ୟଙ୍ଗରାଜ ସମ୍ମାନ', ବିଶିଷ୍ଟ ଭାଷ୍ୟକାର ତଥା ସଂଯୋଜକ ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କୁ 'କୋଣାର୍କ ଉତ୍ସବ ସମ୍ମାନ', ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳଙ୍କୁ 'କୋଣାର୍କ କଳା ସମ୍ମାନ', ଭୁବନେଶ୍ୱରସ୍ଥିତ ଇଫକୋ କାର୍ଯ୍ୟାଳୟକୁ 'ଓଡିଆ ରାଜଭାଷା ସମ୍ମାନ', ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାଜକିଶୋର ଗୋଚ୍ଛାୟତଙ୍କୁ 'ଅର୍କସ୍ୱର ସମ୍ମାନ', ବିଶିଷ୍ଟ ସମାଜସେବୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ 'କୋଣାର୍କ ସେବା ସମ୍ମାନ' ଓ କବୟିତ୍ରୀ ସୁଜାତା ସିହ୍ନାଙ୍କୁ 'ମା ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ' ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ବ୍ୟଙ୍ଗକବି ସର୍ବଗିଳାଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ'ର ପାଠକାର୍ପଣ କରାଯିବ। ସାହିତ୍ୟ ଓ ଚିତ୍ରକଳାର ଯୁଗଳବନ୍ଦୀ କାର୍ଯ୍ୟକ୍ରମରେ ଏକାଧିକ ଚିତ୍ରଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସାରସ୍ୱତ ଉତ୍ସବରେ ଓଡିଶା ତଥା ରାଜ୍ୟ ବାହାରୁ ଦୁଇଶହରୁ ଅଧିକ ସାହିତ୍ୟ ସାଧକ ଓ ସାହିତ୍ୟପ୍ରେମୀ ଯୋଗଦେବେ ବୋଲି କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାନରସେନା ସଂପାଦକ ପ୍ରକାଶଚନ୍ଦ୍ର ଖଟୋଇ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଂଜନ ବିଶ୍ୱାଳ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ସମାଜସେବୀ ନିରଞ୍ଜନ ସାହୁ, ରାମକୃଷ୍ଣ ମହାନ୍ତି, ନିରଂଜନ ତ୍ରିପାଠୀ ଓ କୁନାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ଼ କାର୍ଯ୍ୟାଳୟରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇାଯାଇଛି। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମୁଖ୍ୟଅତିଥି ଓ ସ୍ତମ୍ଭକାର ନବଘନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ମହତାବଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାଶ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, ଶିଶୁ ସାହିତ୍ୟିକ ଡ. ମହେଶ୍ୱର ଜେନାସାମନ୍ତ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ସାହିତ୍ୟିକ ଧ୍ରୁବ ଚରଣ ବିଶ୍ୱାଳ, ଗୋବିନ୍ଦଚନ୍ଦ୍ର ସାହୁ, ଗୋଲକ ଚନ୍ଦ୍ର ପଲେଇ, ଶରତ କୁମାର ଶତପଥୀ, ଗଣେଶ୍ୱର ବେହେରା, ସତ୍ୟାନନ୍ଦ ପ୍ରଧାନ, ଅଖିଳ କୁମାର ସ୍ୱାଇଁ, ସରୋଜିନୀ ପଣ୍ଡା ଓ କାଦମ୍ବିନୀ ମିଶ୍ର ଯୋଗଦେଇ ଡ. ମହତାବଙ୍କ ସାହିତ୍ୟକୃତି, ସାମ୍ବାଦିକତା ଓ ରାଜନୈତିକ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗବେଷିକା ଡ. ସସ୍ମିତା ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ରାସ୍ତାରେ ବୋହିଯାଉଛି କେନାଲ ପାଣି



ଧର୍ମଶାଳା (ପିଏନ୍): ଚାଷଜମିକୁ ଜଳସେଚନ କରିବାପାଇଁ କେନାଲ୍ ମାଧ୍ୟମରେ ପାଣି ଛଡ଼ାଯାଉଛି । ହେଲେ ନିମ୍ନମାନର ମରାମତି କାମ ପାଇଁ ରାସ୍ତାରେ ବୋହିଯାଉଛି କେନାଲ୍ ପାଣି । ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗଡ଼ିଆ ମୌଜାରେ ଏଭଳି ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି । ଦୁର୍ବଳ କେନାଲ ବନ୍ଧ ଓ ମରାମତି ଅଭାବରୁ କେନାଲରୁ ପାଣି ବୋହିଯାଇ ରାସ୍ତାରେ ଲହଡ଼ି ଭାଙ୍ଗୁଛି । ପାଣିକାଦୁଅ ରାସ୍ତାରେ ଯାତାୟାତ କରିବା ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ କଷ୍ଟକର ହେଉଛି । ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ବିରୂପା ନଦୀରୁ ହାଇଲେଭଲ୍ କେନାଲ୍ ମାଧ୍ୟମରେ ଧର୍ମଶାଳା ବ୍ଲକର ଚାଷଜମି ପାଇଁ ପାଣି ଛଡ଼ାଯାଏ । ହାଇଲେଭଲ୍ କେନାଲରୁ ୧୩ ଓ ୧୪ନମ୍ବର କେନାଲ୍ ଦେଇ ବିଭିନ୍ନ ଅଂଚଳକୁ ପାଣିଯାଉଛି । ଦୁବଗଡ଼ିଆ ମୌଜାରେ ୧୪ନମ୍ବର କେନାଲରୁ ବାହାରିଥିବା ଶାଖା କେନାଲରେ ଶଙ୍ଖାରିଡ଼ିହ ମୌଜାକୁ ପାଣି ଯାଇଥାଏ । ହେଲେ ଏହି ଶାଖା କେନାଲର ଦୁବଗଡ଼ିଆ ଗାଁ ଶ୍ମଶାନ ନିକଟରେ ବାରମ୍ବାର ଘଳିଆ ପଡୁଛି । କେନାଲରୁ ପାଣି ବାହାରି ନିକଟରେ ଥିବା ରାସ୍ତାରେ ପ୍ରବାହିତ ହେଉଛି । ଏହି ରାସ୍ତାରେ ସ୍ଥାନୀୟ ଉତର ଶାସନ, ନାଉପାଳ ଓ ଦୁବଗଡ଼ିଆ ଆଦି ଗ୍ରାମର ଶହ ଶହ ଲୋକ ଏବଂ ବହୁ ଗାଡ଼ିମୋଟର ଯାତାୟାତ କରୁଛନ୍ତି । ଅନେକ ସମୟରେ ଉକ୍ତ ରାସ୍ତାରେ କେନାଲ ପାଣି ପ୍ରବାହିତ ହେଉଛି । ଫଳରେ ଯା'ଆସ କରିବାରେ ବହୁ ସମସ୍ୟା ସୃଷ୍ଟି ହେବାସହିତ ରାସ୍ତା ନଷ୍ଟ ହେଉଛି । ଏନେଇ ସ୍ଥାନୀୟ ଚାଷୀ ବହୁବାର ଜାରକା ସେଚ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନାହିଁ। ପ୍ରତିବର୍ଷ ଚାଷୀମାନେ ଜଳକର ଦେଉଥିବା ବେଳେ ଆବଶ୍ୟକ ଅନୁଯାୟୀ କେନାଲ ପାଣି ପାଇପାରୁନାହିଁ । ଫଳରେ ପାଣି ଅଭାବରୁ ଫସଲହାନୀ ହେଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଗୋଡ଼ାଇଲେ ଗ୍ରାହକ

ଧର୍ମଶାଳା (ଇମିସ): ବିନା ଅନୁମତିରେ ଘରେ ପଶି ବିଦ୍ୟୁତ୍ ବ୍ୟବହାର ଯାଂଚ କରୁଥିବା ଟାଟା କମ୍ପାନୀର କର୍ମଚାରୀଙ୍କୁ ବିଦ୍ୟୁତ୍ ଗ୍ରାହକମାନେ ଗାଳିଗୁଲଜ କରିବା ସହିତ ଘଉଡ଼ାଇ ଦେଇଛନ୍ତି । ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି । ପ୍ରକାଶ ଯେ, ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଜଣେ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଯାଂଚ କରିବାପାଇଁ କେତେକ କର୍ମଚାରୀ ତାଙ୍କ ଘରେ ପଶିଥିଲେ । ବିନା ଅନୁମତିରେ ଅଜଣା ଲୋକମାନେ ହଠାତ୍ ଘର ଭିତରେ ପଶିଯିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଏହାକୁ ନେଇ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଗ୍ରାହକଙ୍କ ସଂପର୍କୀୟମାନେ ଘରୁ ତଡ଼ି ଦେଇଥିଲେ । ବିଦ୍ୟୁତ୍ କର୍ମଚାରୀଙ୍କ ମାତ୍ରାଧିକ କଟକଣା ଓ ଯାଂଚକୁ ନେଇ ଅନେକ ସମୟରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଜଣାପଡ଼ିଛି ।

## ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ: ୧୨୦ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍): କଳିଙ୍ଗନଗର ସେବା ସମିତି ତରଫରୁ ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ସାଇ ରେସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରକୁ ଓଡିଶାର କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ରକ୍ତଦାନ କରୁଥିବା ବନ୍ଧୁମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସମାରୋହରେ ଯେଉଁମାନେ ତିନିଥରରୁ ଅଧିକ ଥର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ସାହାଯ୍ୟ କରିଛନ୍ତି, ସେହିପରି ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡଣ୍ଟ ଡ. ସିଦ୍ଧାର୍ଥ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତପ୍ରଚାରକ ଶ୍ରୀ ବିପିନ୍ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ସଂଘର ମହାନଗର ସଂଘଚାଳକ ଡ. ବସନ୍ତ କୁମାର ପତି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ୧୨୦ ଜଣ ରକ୍ତଦାତାଙ୍କୁ ଆୟୁର୍ବେଦିକ ବୃକ୍ଷ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ ।




# DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com




VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com




ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com




## ପାରାଦୀପ ନା ଜଗତସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ନେଇ ସ୍ୱଷ୍ଟୀକରଣ ମାଗିଲେ ସାମାଜିକ କର୍ମୀ

ପାରାଦୀପ,(ପି.ଏନ): ରାଜ୍ୟରେ ଆଠଟି ମେଡିକାଲ କଲେଜ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଥିବାବେଳେ ଜଗତସିଂହପୁର ଜିଲ୍ଲା ପାଇଁ ଗୋଟିଏ ମେଡିକାଲ କଲେଜ ଭାଗ ପଡିଥିବାରୁ ସମଗ୍ର ଜିଲ୍ଲାରେ ଆନନ୍ଦ ପ୍ରକାଶ ପାଇଛି । ଏହାକୁ ସେତେ ଗୁରୁତ୍ୱ ନଦେଇ ଜନସାଧାରଣଙ୍କ ଭିତରେ ପ୍ରଶ୍ନ ଉଠିଛି ମେଡିକାଲ କଲେଜ କେଉଁଠି ହେବ ? ପାରାଦୀପ ନା ଜଗତସିଂହପୁର। ଏ ସମ୍ପର୍କରେ ଆମ ପ୍ରତିନିଧିଙ୍କ ସହ ଅନଔପଚାରିକ ଆଲୋଚନା ବେଳେ ସାମାଜିକ କର୍ମୀ ତଥା ବିଶିଷ୍ଟ ସାହିତ୍ୟିକ ପୀତାମ୍ବର ତରାଇ କହିଛନ୍ତି କୁଜଙ୍ଗ ଅଞ୍ଚଳ ପାରାଦୀପ ବନ୍ଦର ସମେତ ଶିଳ୍ପ ନଗରୀ ପାଇଁ ପ୍ରାୟ ୩୦ ହଜାର ଏକର ଭୂସମ୍ପତ୍ତି ସାଗମାଛ ମୂଲ୍ୟରେ ଦେଇ ସାରିଛି। ପ୍ରତିବଦଳରେ ନା ନିଯୁକ୍ତି ନା ବ୍ୟବସାୟ ନା ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସୁବିଧା ସୁଯୋଗ ପାଇଛନ୍ତି। ଦେଶରେ ଯେଉଁଠି କଳ କାରଖାନା ଗଢ଼ି ଉଠିଛି,ସେଠି ସ୍ଥାନୀୟ ଅଧିବାସୀ ସମସ୍ତ ସୁବିଧା ସୁଯୋଗ ପାଉଥିବା ବେଳେ ପାରାଦୀପ ଏକ ବ୍ୟତିକ୍ରମ ବୋଲି ଶ୍ରୀ ତରାଇ କ୍ଷୋଭ ପ୍ରକାଶ କରିଛନ୍ତି। ରାଜନୈତିକ ଇଚ୍ଛାଶକ୍ତି, ସ୍ଥାନୀୟ ଅଧିବାସୀଙ୍କ ଗୌଣ ଭୂମିକା ହିଁ କେତେକ କାରଣ ହୋଇଥିବା ବେଳେ ଅଧିକାର ଅପହୃତ ହୋଇ ଚାଲିଛି। ଏତେ ଗୁଡା ଜମି ଦେଇ ପ୍ରଦ୍ୟୁଷଣ ଜନିତ ସଂକ୍ରମଣ ଯୋଗୁ ନାନା ବ୍ୟାଧିରେ ବହୁ ପରିବାର ପୀଡିତ ହୋଇ ଧାର କରଜ କରି ତଥାପି ରୋଗ ମୁକ୍ତ ହୋଇ ପାରୁ ନାହାନ୍ତି। ପାନ,ମୀନ,ଧାନ ପାଇଁ କୁଜଙ୍ଗର ଯେଉଁ ଖ୍ୟାତି ଥିଲା ତାହା କଳ କାରଖାନା ପାଇଁ ପ୍ରଦ୍ୟୁଷଣର କୁପ୍ରଭାବରେ ପୂର୍ଣ୍ଣଚ୍ଛେଦ ପଡି ସାରିଛି। ସାରା ଅଞ୍ଚଳ ଆଜି କ୍ଷତିଗ୍ରସ୍ତ। ବେକାର ଯୁବକ ଯୁବତୀ ଦାଦନ ଖଟିବାକୁ ଯାଉଛନ୍ତି ପରଦେଶ। ଏହା ଯେତିକି ନବାଧୁଛି,ବେଶି କଷ୍ଟ ଦେଉଛି ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ବ୍ୟବଧାନ ସୃଷ୍ଟି ହୋଇଅଛି। ସାମାନ୍ୟ ଜର,କାଶ,ଶ୍ୱାସ ଓ ଦୁର୍ଘଟଣା ଠାରୁ ଆରମ୍ଭ କରି ସନ୍ତାନ ପ୍ରସବ ପାଇଁ ମହିଳାଟିଏ କଟକର ବଡ଼ ଡ଼ାକ୍ତରଖାନା ଉପରେ ନିର୍ଭରଶୀଳ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଦୀର୍ଘଦିନ ଧରି ଅଞ୍ଚଳର ବାସୀ ଶୋଭାଯାତ୍ରା,ସତ୍ୟାଗ୍ରହ,ଗଣ ଆନ୍ଦୋଳନ ଜରିଆରେ ଏଠାରେ ଏକ ସୁପର ହସ୍ପିଟାଲ ସ୍ଥାପନ ନିମନ୍ତେ ଦାବୀ କରି ଆସୁଛନ୍ତି।ଏବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଓ ସାଂସଦ କୁଜଙ୍ଗର ହୋଇଥିବାରୁ ପାରାଦୀପରେ ମେଡିକାଲ କଲେଜ ସ୍ଥାପନର ଆଶା କରାଯିବା ସ୍ୱାଭାବିକ ବୋଲି ଶ୍ରୀ ତରାଇ କହିଛନ୍ତି। ବନ୍ଦର ସମେତ ଶିଳ୍ପ ନଗରୀ ପାଇଁ ଏତେ ତ୍ୟାଗ ସହିଲା ପରେ ଆମ ମାଟି ପାଇଁ କାହିଁକି ମେଡିକାଲ କଲେଜ ମିଳିବ ନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାପ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ



# ଗଜପତି ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ ଅନୁଷ୍ଠିତ



ପାରଳାଖେମୁଣ୍ଡି,(ପି.ଏନ): କ୍ରୀଡ଼ା ଓ ଯୁବା ସେବା ବିଭାଗ ଓ ଜିଲ୍ଲା ପ୍ରଶାସନ ଗଜପତି ପକ୍ଷରୁ ଓଡ଼ିଆ ପକ୍ଷ ଐତିହ୍ୟ ଗଣଦୌଡ ଆଜି ଗୁଣ୍ଡିଚା ମନ୍ଦିର ଠାରୁ ବି.ଏନ. ପେଲେସ ପର୍ଯ୍ୟନ୍ତ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଉପଜିଲ୍ଲାପାଳ ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଓ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ଓ ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଅପ୍ରେଲ ୧ ତାରିଖ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାରେ ଐତିହ୍ୟ ଓ ଭାଷା ସଂପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ , ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଗଣ ଐତିହ୍ୟ ଦୌଡ଼ରେ ସାମିଲ କରାଯାଇଥିଲା. ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ଏବଂ ସଂସ୍କୃତିର ପ୍ରତି ଗର୍ବ ସୃଷ୍ଟି କରିବା, ଜିଲ୍ଲା ଓ ରାଜ୍ୟର ସାଂସ୍କୃତିକ ଓ ବିବିଧତାକୁ ପାଳନ କରିବା ,ଏହି ଗଣ ଦୌଡ଼ ଦ୍ୱାର ଯୁବକ ଯୁବତୀ ମାନଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥ ତାକୁ ପ୍ରୋତ୍ସାହିତ କରାଯାଇପାରିବ. ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ କମଳାକାନ୍ତ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶାରିରୀକ କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ର ସମେତ ବିଭିନ୍ନ ବିଭାଗର ଅଧିକାରୀ ଛାତ୍ରଛାତ୍ରୀ ପ୍ରମୁଖ ସାମିଲ କରାଯାଇଥିଲା ।

## ଲାବଣ୍ୟ-୧ ମହାମିଳନ

କୁଅଁରପୁର,(ପି.ଏନ): କଟକ ଅନ୍ତର୍ଗତ ଲାବଣ୍ୟ-୧ ପରିସରରେ ବାସିନ୍ଦାଙ୍କ ମହାମିଳନ ଉତ୍ସବ ଆସନ୍ତା ଏପ୍ରିଲ ୬ ତାରିଖ ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ରେ ଶତାଧିକ ସଭ୍ୟ ସପରିବାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେଦିନ ସକାଳେ ସମସ୍ତଙ୍କ ମଙ୍ଗଳ ଉଦ୍ଦେଶ୍ୟ ରେ ବାସ୍ତୁ ପୂଜା ସମ୍ପନ୍ନ ହେବ। ପୂଜାପାଠ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ ସରପଞ୍ଚ, ସ୍ଥାନୀୟ ଗ୍ରାମ୍ୟ ବ୍ୟାଙ୍କ ମେନେଜର, ତିରୁମାଲା ଲାବଣ୍ୟ ର ମୁଖ୍ୟ ଆଶିଷ ଗର୍ଗ ପ୍ରଭୃତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏହାର ସଭାପତି ପ୍ରଫେସର ଅନିଲ କୁମାର ମହାପାତ୍ର ଜଣାଇଛନ୍ତି। ସେଦିନ ଅବସର ବିନୋଦନ ପାଇଁ ମ୍ୟୁଜିକ ଚେୟାର ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଉଛି। ବାସିନ୍ଦାଙ୍କର ସାଧାରଣ ସଭା ମଧ୍ୟ ସେହି କାର୍ଯ୍ୟକ୍ରମ ମଧ୍ୟ ରେ ଅନ୍ତର୍ଭୁକ୍ତ। ଏଥିରେ ଲାବଣ୍ୟ-୧ ର ସମସ୍ତ ଶୁଭେଚ୍ଛୁ ଯୋଗଦେବା ପାଇଁ ଏହାର ସମ୍ପାଦକ ପ୍ରଦୀପ୍ତ ନାୟକ ଅନୁରୋଧ କରିଛନ୍ତି।

# ମୋହନାର ଏସ୍‌ଏସ୍‌ଡ଼ି ହାଇସ୍କୁଲ ପରିସରରେ ପିଏମଶ୍ରୀ ହେଲଥ୍ କେମ୍ପ




ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲାର ମୋହନା ଏସ୍‌ଏସ୍‌ଡ଼ି ହାଇସ୍କୁଲ ପ୍ରାଙ୍ଗଣରେ ପିଏମଶ୍ରୀ ହେଲଥ୍ କେମ୍ପ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ମୋହନା ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ସେବା ପ୍ରଦାନ କରିବା ପାଇଁ ଶ୍ରୀଯୁକ୍ତ ପ୍ରଧାନମନ୍ତ୍ରୀ ବିଦ୍ୟାଳୟ ଗୁଡିକରେ ସଚେତନ କରାଯିବା ନେଇ ଯୋଜନା ଆରମ୍ଭ କରାଯାଇଥିଲା। ଯାହା ଫଳରେ ଆଜି ଡାକ୍ତର ଭବାନୀ ମୋହନ ମହାପାତ୍ର, ଗୋପାଳ କୃଷ୍ଣ ସାହୁ ଓ ସୁଚିସ୍ମିତା ବେହେରା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ଉପରେ ସଚେତନ କରାଯାଇଥିଲା।

# ଉଦ୍ୟମ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



କେନ୍ଦ୍ରାପଡ଼ା,(ପି.ଏନ): ଉଦ୍ୟମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗରାପୁରସ୍ଥିତ ମହାବୀର ହନୁମାନ ଆଶ୍ରମରେ ନବଦିନ ବ୍ୟାପି ଚାଲିଥିବା ଶ୍ରୀରାମଚରିତ ମାନସ ପାରାୟଣ ଅବସରରେ ଗରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଆଶ୍ରମର ମୁଖ୍ୟ ତଥା ମନ୍ଦିର ପରିଚାଳନା କମିଟି ସଭାପତି ବାବାଜୀ ଚେତନାନନ୍ଦ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ୩୬ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସ୍ୱାଇଁ, ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ନାଥ, ଯୁବ ସମାଜସେବୀ ଲୋହିତ କୁମାର ମହାନ୍ତି, ଉଦ୍ୟମ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ବିଶ୍ୱକାନ୍ତ ବିଶ୍ୱାଳ, ସାମ୍ପାଦକ ସରୋଜକାନ୍ତ ସାହୁ, କୃପାସିନ୍ଧୁ ମଲ୍ଲିକ, ରାଜେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ଆଚାର୍ଯ୍ୟ, ଦିପକ ମଲ୍ଲିକ, ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ କେନ୍ଦ୍ରାପଡା ରକ୍ତଭଣ୍ଡାରର କର୍ମଚାରୀ ରାକେଶ କୁମାର ମିଶ୍ର, ମନୋଜ କୁମାର ଦାସ, ସୌମ୍ୟରଞ୍ଜନ ସାହୁ, ବିଜୟଲକ୍ଷ୍ମୀ ବରାଳ ଓ ରାଜୀବ ଲେଙ୍କା ପ୍ରମୁଖ ପରିଚାଳନା କରିଥିବା ବେଳେ ଏଥିରେ ୩୬ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ଓଡିଶା ଦିବସରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ନ ହେବାରୁ ସାଧାରଣରେ ଅସନ୍ତୋଷ

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲାର କାଶୀନଗର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ପାରଳା ମହାରାଜାଙ୍କ ଏକ ବ୍ରଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ କରାଗଲା. ଓଡିଶା ଦିବସ ଏପ୍ରିଲ ୧ ରିଖ ଦିନ ଏହାର ଉଦଘାଟନ କରାଯିବ ବୋଲି ଅଞ୍ଚଳବାସୀ ଅପେକ୍ଷା କରିଥିଲେ. ହେଲେ ତାହା ହୋଇପାରିଲାନାହିଁ. ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତି କେବେ ଉନ୍‌ମୋଚନ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି. ଏପ୍ରିଲ ୧ରୁ ୧୪ ଯାଏଁ ଓଡ଼ିଆ ପକ୍ଷ ପାଳନ ପାଇଁ ସରକାର କାର୍ଯ୍ୟସୂଚୀ ସ୍ଥିର କରିଥିବା ବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ଉତ୍କଳ ଦିବସ ଦିନ ଉନ୍‌ମୋଚିତ ହୋଇ ନ ପାରିବାକୁ ନେଇ କାଶୀନଗର ଜନ ନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଦୀର୍ଘ ଦିନର ଦାବି ପରେ ପ୍ରାୟ ଚାରିମାସ ପୂର୍ବ ? ଗଜପତିଙ୍କ ଏକ ପୂର୍ଣ୍ଣାବୟବ ବ୍‌ରୋଞ୍ଜି ମୂର୍ତ୍ତି ଫରେଷ୍ଟ ଜଙ୍କସନ ନିକଟରେ ଥିବା ଇଣ୍ଡୋର ଷ୍ଟାଡିଅମ ପାଖରେ ସ୍ଥାପିତ ହୋଇଥିଲା ଝ ଉତ୍କଳ ଦିବସରେ ତାହା ଉନ୍‌ମୋଚିତ ହେବ ବୋଲି ସାଧାରଣରେ ପ୍ରତୀକ୍ଷା କରିଥିଲେ. ଏଥିସହ ସାଧାରଣଙ୍କ ତରଫରୁ ମାଲ୍ୟାର୍ପଣ କରି ସଂଗ୍ରାମୀ ପୁରୁଷଙ୍କୁ ସମ୍ମାନ ଜଣାଇବାର ସୁଯୋଗ ପାଇବେ ବୋଲି ଅଞ୍ଚଳବାସୀ ଆଶା କରିଥିଲେ. କିନ୍ତୁ ପ୍ରଶାସନର ଉଦାସୀନତା ଯୋଗୁ ତାହା ସମ୍ଭବ ହୋଇପାରି ନ ଥିବା ଅଭିଯୋଗ ହେବା ସହ ତୁରନ୍ତ ଉନ୍‌ମୋଚନର ବ୍ୟବସ୍ଥା କରିବାକୁ ଦାବି ହୋଇଛି ଝ କାଶୀନଗର ସହରରେ ପାରଳା ମହାରାଜାଙ୍କ ଉନ୍‌ମୋଚିତ ହୋଇନଥିବା ପ୍ରତିମୂର୍ତ୍ତିକୁ ଛାଡି ଅନ୍ୟ କୌଣସି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନାହିଁ।

# ୧୩ ରୁ ନୂଆଗଡ଼ ମା ହାଡ଼ବାଈଙ୍କ ଯାତ୍ରା ମହୋତ୍ସବ



ଫୁଲନଖରା,(ପି.ଏନ): ସିଏମସି ୫୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ନୂଆଗଡ଼ର କରୁଣାମୟୀ ପରମ ବୈଷ୍ଣବୀ ମା ହାଡ଼ବାଈ ଯାତ୍ରା ମହୋତ୍ସବ ଏପ୍ରିଲ ୧୩ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ପାଳିତ ହେବ । ମହୋତ୍ସବର ସଫଳତା ପାଇଁ ଏକ ପ୍ରସ୍ତୁତି ବୈଠକ ମା ହାଡ଼ବାଈଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମ କେଶରୀ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜୋନ ୪ ଏସିପି ଅମିତାଭ ମହାପାତ୍ର, ସଦର ଥାନା ଆଇଆଇସି ଓମପ୍ରକାଶ ମହାନ୍ତି, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସଂପାଦକ ସନ୍ତୋଷ ସାମନ୍ତରାୟ, ବରିଷ୍ଠ ମୁରବି ପୀତବାସ ମହାପାତ୍ର, ଶିକ୍ଷାବିତ୍ ଡ଼ଃ ଶରତ କୁମାର ରଥ, ଯାତ୍ରା ପରିଚାଳନା କମିଟି ଅଧ୍ୟକ୍ଷ ଶିଶିର ରାଉତରାୟ, ମହନ୍ତ ଡ଼ମ୍ବରୁଧର ସାମନ୍ତରାୟ, ପରାମର୍ଶଦାତା କେଦାରନାଥ ସିଂ, ପ୍ରସନ୍ନ ସାହୁ, ପ୍ରବୋଧ ସାହୁ , ପ୍ରଦୀପ ଖୁଣ୍ଟିଆ, ଶରତ ଚନ୍ଦ୍ର ଭଞ୍ଜ, ସଚିବ ପ୍ରଶାନ୍ତ ମହାପାତ୍ର, ବିଜେପି ଗୋପାଳପୁର ମଣ୍ଡଳ ସଭାପତି ନିହାର ରଂଜନ ପଣ୍ଡା, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର ଓ ଲଳିତକୁମାର ଦାଶଙ୍କ ସମେତ କମିଟିର ଉପସଭାପତି, କୋଷାଧ୍ୟକ୍ଷ, ସହ ସଂପାଦକ ଓ ଗ୍ରାମ୍ୟକମିଟି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆସନ୍ତା ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମାଙ୍କ ପୀଠରେ ଯଥାବିଧି ଯଜ୍ଞ ଅନୁଷ୍ଠିତ ହେବ । ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅପେରା ସ୍ୱପ୍ନମହଲ ଦ୍ୱାରା ଯାତ୍ରା ପରିବେଷଣ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି । କୃତି କଲେଜ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପୁରସ୍କାର ସହ ଗତ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗ୍ରାମର ଛାତ୍ରଛାତ୍ରୀମାନଙ୍କୁ ଉତ୍ସବରେ ପୁରସ୍କୃତ କରାଯିବ । ଅଞ୍ଚଳର ଗ୍ରାମ୍ୟ କମିଟି ସଭାପତି, ସଂପାଦକ, ଡ଼ାକ୍ତର, ସାମ୍ବାଦିକ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗ୍ରାମର ଯୁବକମାନଙ୍କୁ ନେଇ ଏକ ସ୍ୱେଚ୍ଛାସେବୀ ଟିମ ଗଠନ କରାଯାଇ ପୁଲିସ ଅଧିକାରୀଙ୍କ ସହ ଯୋଗ ସୂତ୍ର ରକ୍ଷା କରାଯିବ । ଲୋକମାନେ କିପରି ଶାନ୍ତି ଶୃଙ୍ଖଳାରେ ଯାତ୍ରା ଉପଭୋଗ କରିବେ ସେଥିପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ବ୍ୟବସ୍ଥା କରାଯିବ । ଯାତ୍ରା ଶୃଙ୍ଖଳିତ ପାଇଁ ସଦର ପୁଲିସ ପକ୍ଷରୁ ସମସ୍ତ ସାହାଯ୍ୟ କରାଯିବ ବୋଲି ଏସିପି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray